## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ସାନ୍‌ଭି
ପରିବାରବର୍ଗ


ଅରୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# classified




**SALE**

L&T Pc 71 Komatsu show room condition, 2009 Dec (Mo): 7978887806. D-11293




**SALE**

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/- . 9437033320. D-65363

Stithiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

**Yellowzone plot sale near AIIMS Hospital ready for construction. 8480745797.** D-65372

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

Tamando market ପାଖରେ Janla NH-5, ପାଖରେ ଘରବାରି plot ନେଇ ଘର କରନ୍ତୁ: 9438859527. D-11188

Immediate registration & possession of gharabari plot near Patnaika Chowk in Bhubaneswar Puri NH and another ready to move 2BHK flat in Hanspal. Contact: 7606977222, 7978237779. D-65598

Land for sale land measuring A.2.20 in village Chandiagadi under Aul Tehsil in Kendrapada District with stithiban status for sale. Located by the side of National Highway with eighteen mango trees (suitable for timber) standing thereon. Site suitable for residential purpose. Contact: 91-9668860895 or 91-7077036872. D-11367

Mahanadi Vihar residential Plot (48X90) Clear Title. Buyers Contact 07977924258. D-63215

ଭୁବନେଶ୍ୱର Nakhara Delhi Public School ପାଖରେ plot sale ହେଉଛି: 7873355897. D-65613

**Pay 50% get registration gharabari building approved plot at Ranga Bazar, Bhubaneswar. 9861990662.** D-11416

Now Matrimonial ads. only on Wednesday & Sunday
Book 1 Get 1 FREE

Plot for sale at Bhubaneswar near KEC Engineering College, plot per sqft. 700/- including 30ft. road, electricity facilities with boundary wall. 7077125889, 9861793775. D-66010




Newly opening ayurvedic full body massage. 7077444583. D-11285

Ayurvedic full body massage smart boy therapist, home service available. 9937929638. D-11318

Herbal body massage by gents therapist home service available. 9090466257. D-11365

**AFFIDAVIT**

Our father late Harihar Parida had changed his surname from Malik to Parida and by virtue of an affidavit made by us on dt. 27.02.2019. We declare that for all purposes we shall be known as Ganesh Parida and Kartik Parida and our caste is Gokha (SC). D-62161

I, Sri Hrushikesh Sahoo, son of late Banamali Sahoo. My surname Sahoo has been mispelled in Matriculation Certificate. Hence as per affidavit Sahu will be spelled for all purpose as Sahoo. D-11418

**Birthday Wish**



**Pratyush (Naman)**

On your 5th Birthday Mama, Papa, Grandma, Grandpa, Aai, Masi, Kaka, Kaki, Apa, Pisa, Anshu bhai, wishing you Happy Birthday with lots of love & blessings.
D-64049

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ପ୍ରଦୀପ୍ତ କୁମାର ଚୌଧୁରୀ**

ଘାଟିକିଆ, ଖଣ୍ଡଗିରିବାରି
ଆବିର୍ଭାବ: ୨୫।୦୨।୧୯୬୪
ତିରୋଧାନ: ୧୦।୦୨।୨୦୧୮
ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ମା-ସ୍ୱର୍ଣ୍ଣଲତା, ସ୍ତ୍ରୀ-ରାଜଶ୍ରୀ, ପୁଷ୍ପାଞ୍ଜଳି, ରଜତ, ଜୟନ୍ତ, ଡାଲୁ, ଓମ୍, ବନ୍ଧୁ ଓ ପରିବାରବର୍ଗ।
ଧ-୧୧୩୯୮

**ଦ୍ୱିତୀୟ ଜନ୍ମବାର୍ଷିକ ଶୁଭେଚ୍ଛା**



**ସାନ୍‌ଭି ରାଜରଶ୍ମୀ**

**ଗ୍ରାମ-ରାହାନ୍ଦିଆ, କଣାସ, ପୁରୀ**

ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ। ୨ୟ ଜନ୍ମବାର୍ଷିକ ଅବସରରେ ଅନେକ ଅନେକ ଶୁଭେଚ୍ଛା, ଶୁଭକାମନା ଜଣାଉଛୁ।
**ଶୁଭେଚ୍ଛା ସହ: ଆଈ, ଅଜା, ବାପା, ମା, ମାଉସୀ, ମାମୁଁ, ସାଥୀ ଓ ପରିବାରବର୍ଗ।**
ଧ-୩୪୮୯୬

**କୃତିତ୍ୱ**


ସ୍ୱର୍ଣ୍ଣପ୍ରଭା


ବିସ୍ମୟ


ପ୍ରୀତମ


ଶାଶ୍ୱତୀ


ସୁରଜ


ଦେବାଶିଷ

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଧୁବନ, ପୁରୀର ଚତୁର୍ଥ ଶ୍ରେଣୀର ୩ଜଣ ଶିଶୁ ସ୍ୱର୍ଣ୍ଣପ୍ରଭା ମହାରଣା, ବିସ୍ମୟ ତ୍ରିପାଠୀ, ପ୍ରୀତମ ଷଡଙ୍ଗୀ ଏବଂ ଷଷ୍ଠ ଶ୍ରେଣୀର ୩ଜଣ ଶିଶୁ ଶାଶ୍ୱତୀ ନାୟକ, ସୁରଜ କୁମାର ସାହୁ, ଦେବାଶିଷ ପ୍ରସାଦ ଦାସ ଶିକ୍ଷାବର୍ଷ ୨୦୧୭-୧୮ ପାଇଁ ଓଡ଼ିଶା ସରକାରଙ୍କ ନିମ୍ନ ପ୍ରାଥମିକ ବୃତ୍ତି ଏବଂ ପ୍ରାଥମିକ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇ ବିଦ୍ୟାଳୟର ଗୌରବ ବଢାଇବାରେ ସହାୟକ ହୋଇଛନ୍ତି। ଧ-୧୧୩୯୭

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଚାଷୀଙ୍କ ନାଁରେ ବିଜେଡି କର୍ମୀଙ୍କୁ ମୋବାଇଲ ଫୋନ

## ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଭେଟିଲା ଭାଜପା ପ୍ରତିନିଧି ଦଳ

**କଟକ ଅଫିସ,୨୮।୨**

ଚାଷୀଙ୍କ ନାଁରେ ବିଜୁ ଯୁବ ବାହିନୀ ମାଧ୍ୟମରେ ବିଜେଡି ନେତା ଓ କର୍ମୀଙ୍କୁ ସରକାର ମୋବାଇଲ ଫୋନ ବାଣ୍ଟୁଥିବା ଅଭିଯୋଗ ଆଣିଛି ଭାଜପା। ଗୁରୁବାର ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀଙ୍କୁ ଭେଟି ଆଲୋଚନା କରିବା ସହ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ୩୧୪ ବ୍ଲକରେ ୫ହଜାର ଲେଖାଏ ମୋବାଇଲ ଫୋନ୍ ବାଣ୍ଟିବା ପାଇଁ ଯୋଜନା କରାଯାଇଛି। ମୋଟ ୨୦ ଲକ୍ଷ ମୋବାଇଲ ଫୋନ୍ ବାଣ୍ଟିବା ପାଇଁ ପ୍ରାୟ ୭୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ରାଜ୍ୟ ସରକାର ଅନୁକମ୍ପା ଦେଖାଇଥିବା ଘରୋଇ କମ୍ପାନୀମାନେ ଏହି ଟଙ୍କା ଖର୍ଚ୍ଚ କରୁଛନ୍ତି। ପୁଣି ଏହାକୁ ବ୍ଲକର ପ୍ରଶାସନିକ ଅଧିକାରୀମାନେ ସରକାରୀ ଯୋଜନା ଭଳି ମନିଟର କରୁଛନ୍ତି। ବିନା ସରକାରୀ ନିଷ୍ପତ୍ତିରେ କାହିଁକି ଏତେ ମୋବାଇଲ ଫୋନ ବଣ୍ଟାଯାଉଛି ଓ ଏହାକୁ ବାଣ୍ଟୁଥିବା ସମ୍ପୃକ୍ତ ଘରୋଇ କମ୍ପାନୀଗୁଡ଼ିକ କାହିଁକି ଏତେ ଅର୍ଥ ଖର୍ଚ୍ଚ କରୁଛି ବୋଲି ପ୍ରଶ୍ନ ଉଠାଇଛି ଭାଜପା। ଏହାର ତଦନ୍ତ କରିବାକୁ ଭାଜପା ଦାବି କରିଛି। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ଭାଜପା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଆୟକର କମିଶନରଙ୍କୁ ଭେଟି ଏପରି ଅଭିଯୋଗ କରିଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି ମୁକୁଳିବେ...

ବୁଧବାର ଭାରତ ଭିତରକୁ ପଶି ଜମ୍ମୁ-କଶ୍ମୀର ସୀମାନ୍ତ ଅଞ୍ଚଳରେ ସେନାଘାଟିଗୁଡ଼ିକୁ ଟାର୍ଗେଟ କରୁଥିବାବେଳେ ଆଇଏଏଫ୍ ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ତାକୁ ଜବାବ ଦେବା ପାଇଁ ଆକାଶମାର୍ଗରେ ନିୟନ୍ତ୍ରଣରେଖା ଡେଇଁ ପାକ୍-ଅଧିକୃତ କଶ୍ମୀର (ପିଓକେ) ପଟକୁ ଚାଲିଯାଇଥିଲେ। ପାକିସ୍ତାନୀ ସେନାର ଗୁଳିମାଡ଼ରେ ମିଗ୍ ୨୧ ବିମାନ ତଳକୁ ଖସିବା ପୂର୍ବରୁ ଅଭିନନ୍ଦନ ପାରାଚୁ୍ୟଟ୍‌ରେ ଓହ୍ଲାଇପଡ଼ିଥିଲେ। ପାକିସ୍ତାନୀ ସୁରକ୍ଷା ବଳ ତାଙ୍କୁ କାବୁ କରିନେଇଥିଲା ବୋଲି ସେଠାକାର ସରକାର ଦାବି କରୁଛନ୍ତି। ତାଙ୍କୁ ମୁକ୍ତ କରିବା ପାଇଁ ଭାରତର ବିଭିନ୍ନ ସ୍ଥାନରେ ଲୋକେ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରୁଛନ୍ତି। କେନ୍ଦ୍ର ସରକାର ମଧ୍ୟ ଏନେଇ କୂଟନୈତିକ ଉଦ୍ୟମ ଆରମ୍ଭ କରିଥିବା ଜଣାପଡ଼ିଛି। ଏଭଳି ସମୟରେ ପାକିସ୍ତାନ ପ୍ରଥମେ ତାଙ୍କୁ ଛାଡ଼ିବା ପାଇଁ ମୂଲଚାଲ ଆରମ୍ଭ କରିଥିଲା। କିନ୍ତୁ ଭାରତ ସରକାର ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ପାଇଲଟ ଅଭିନନ୍ଦନ ଏକ ମୂଲଚାଲ ସାମଗ୍ରୀ ନୁହନ୍ତି। ପାକିସ୍ତାନ ତାଙ୍କୁ ନିଃସର୍ତ୍ତ ଖଲାସ କରୁ ବୋଲି ସରକାରଙ୍କ ପକ୍ଷରୁ ଦାବି କରାଯାଇଥିଲା। ଏହାର କିଛି ସମୟ ପରେ ଭଲ ଖବର ଆସିଲା। ପାକିସ୍ତାନ ପ୍ରଧାନମନ୍ତ୍ରୀ ସେଠାକାର ପାର୍ଲାମେଣ୍ଟର ମିଳିତ ଅଧିବେଶନରେ ଘୋଷଣା କଲେ, ଆମେ ଶାନ୍ତି ପାଇଁ ଆଗ୍ରହୀ ଥିବାରୁ ବୁଝାମଣାର ପ୍ରଥମ ପଦକ୍ଷେପ ସ୍ୱରୂପ ଆମେ ଆଇଏଏଫ୍ ଅଧିକାରୀ ଅଭିନନ୍ଦନଙ୍କୁ ଛାଡ଼ିବାକୁ ଯାଉଛୁ। ତାଙ୍କୁ ଶୁକ୍ରବାର ମୁକ୍ତ କରାଯିବ ବୋଲି ଇମ୍ରାନ ଘୋଷଣା କରିବା ପରେ ଏମ୍‌ପିମାନେ ଟେବୁଲ ବାଡେଇ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ଏହା ପୂର୍ବରୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ମଧ୍ୟ ଅଭିନନ୍ଦନଙ୍କୁ ମୁକ୍ତକରିବା ପାଇଁ ସଙ୍କେତ ଦେଇଥିଲେ। କିନ୍ତୁ ପାଇଲଟଙ୍କ ମୁକ୍ତି ପରେ ଉଭୟ ପଡ଼ୋଶୀ ମଧ୍ୟରେ ଉତ୍ତେଜନାକୁ ହ୍ରାସ କରିବା ଲାଗି ପଦକ୍ଷେପ ନିଆଯିବା ଜରୁରୀ ବୋଲି ସେ ସର୍ତ୍ତ ବାଢ଼ିଥିଲେ। ଏହାସହ ଇମ୍ରାନ୍ ଶାନ୍ତି ଆଲୋଚନା ପାଇଁ ତାଙ୍କର ଭାରତ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କୁ ଫୋନ୍ କରିବାକୁ ପ୍ରସ୍ତୁତ ବୋଲି କୁରେଶୀ କହିଥିଲେ।

ଅଭିନନ୍ଦନଙ୍କୁ ମୁକ୍ତକରିବା ଲାଗି ଗୋଟିଏ ପଟେ ଦୁଇଦେଶ ମଧ୍ୟରେ ବାକ୍‌ଯୁଦ୍ଧ ଲାଗିଥିବାବେଳେ ଅନ୍ୟପଟେ ଅନ୍ତର୍ଜାତୀୟ ସମୁଦାୟର ଚାପ ପାକିସ୍ତାନ ଉପରେ ବଢ଼ିଚାଲିଥିଲା। ସଂଯମ ହେବାକୁ ଦୁଇ ପଡ଼ୋଶୀଙ୍କୁ ବିଭିନ୍ନ ରାଷ୍ଟ୍ର ପରାମର୍ଶ ଦେଉଥିଲେ। ଏହି ସମୟରେ ମଧ୍ୟାହ୍ନରେ ଆସିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାର୍ତ୍ତା ଆଶ୍ୱସ୍ତି ଆଣିଦେଇଥିଲା। ଭିଏତ୍‌ନାମ ରାଜଧାନୀ ହାନୋଇରେ ଉତ୍ତରକୋରିଆ ଶାସକ କିମ୍ ଜଙ୍ଗ୍ ଉନ୍‌ଙ୍କ ସହ ଆଲୋଚନା ପରେ ଏକ ଖବରଦାତା ସମ୍ମିଳନୀରେ ଟ୍ରମ୍ପ୍ କହିଥିଲେ, ଦୁଇଦେଶ ପାଇଁ ଆକର୍ଷଣୀୟ ଖବର। ଆମେ ଉତ୍ତେଜନା ହ୍ରାସ ପାଇଁ ଭାରତ ଓ ପାକିସ୍ତାନକୁ ସାହାଯ୍ୟ କରିଆସୁଛୁ। ପଛଦ୍ୱାର ମଧ୍ୟସ୍ଥଙ୍କ ଜରିଆରେ ହୋଇଥିବା ଉଦ୍ୟମ ସଫଳ ହେବାକୁ ଯାଉଛି। ଖୁବ୍‌ଶୀଘ୍ର ଭଲ ଖବର ଆସିବ। ଶେଷରେ ଅପରାହ୍ନ ୫ଟାରେ ଭଲ ଖବର ଆସିଲା। ଅଭିନନ୍ଦନଙ୍କୁ ମୁକ୍ତକରିବା ପାଇଁ ପାକିସ୍ତାନ ରାଜି ହେଲା। ଏହାକୁ ଅଭିନନ୍ଦନଙ୍କ ବାପା ଏୟାର ମାର୍ଶାଲ(ଅବସରପ୍ରାପ୍ତ) ସୀମ୍‌ହାକୁଟ୍ଟୀ ବର୍ଥମାନ ସ୍ୱାଗତ କରିବା ସହ ଦେଶବାସୀଙ୍କୁ ଶୁଭେଚ୍ଛା ଓ ସମର୍ଥନ ପାଇଁ ଧନ୍ୟବାଦ ଦେଇଛନ୍ତି। ଏବେ ପୁଅଙ୍କ ଫେରିବା ବାଟକୁ କେବଳ ବର୍ଥମାନ ପରିବାର ନୁହେଁ, ବରଂ ସାରା ଭାରତ ଅପେକ୍ଷା କରିଛି।

## ଓଡ଼ିଶା ଭିତ୍ତିଭୂମି ବିକାଶରେ...

ସମାରୋହରେ ଯୋଗଦେଇ ଏହା ଓଡ଼ିଶାର ଭିତ୍ତିଭୂମି ବିକାଶରେ ଯୋଡିହେଲା ବୋଲି କହିଥିଲେ। ବନ୍ଦରର ପଣ୍ୟ କାରବାର କ୍ଷମତା ବାର୍ଷିକ ୫ ମିଲିୟନ ମେଟ୍ରିକ୍ ଟନ୍‌ରୁ ୨୦ ମିଲିୟନ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ହୋଇଛି। ବର୍ତ୍ତମାନ ବର୍ଥ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ଏହାଦ୍ୱାରା ୮ ହଜାର ଲୋକଙ୍କୁ ନିଯୁକ୍ତି ମିଳିବ। ବିଜୁ ବାବୁଙ୍କ ଉଦ୍ୟମରେ ପାରାଦୀପରେ ପୋର୍ଟ ପ୍ରତିଷ୍ଠା ହୋଇଥିଲା। ତାଙ୍କ ଭିଜନ୍‌କୁ ଆଗକୁ ନେଇ ଗୋପାଳପୁର, ଧାମରା ଓ ସୁବର୍ଣ୍ଣରେଖା ବନ୍ଦର ପ୍ରତିଷ୍ଠା କରାଯାଇଛି। ଗୋପାଳପୁର ବନ୍ଦର ଆଗାମୀ ଦିନରେ ଶିଳ୍ପର ବିକାଶ ସହ ପର୍ଯ୍ୟଟନ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଏଥିପାଇଁ ସାପୁର୍‌ଜୀ ପାଲୋନ୍‌ଜୀ ଗ୍ରୁପ୍‌କୁ ଧନ୍ୟବାଦ ଜଣାଇଥିଲେ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡ. ନୃସିଂହ ଚରଣ ସାହୁ ଯୋଗଦେଇ ଗୋପାଳପୁର ଏକ ଡିପ୍ ବନ୍ଦରରେ ପରିଣତ ହେବାକୁ ଯାଉଥିବା ସୂଚନା ଦେଇଥିଲେ। ୨୦୧୫ ସୁଦ୍ଧା ବନ୍ଦରର କ୍ଷମତା ୨୦ ମିଲିୟନ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରି ୫୫ ମିଲିୟନ ମେଟ୍ରିକ୍ ଟନ୍‌ରେ ପହଞ୍ଚାଇବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସାପୁର୍‌ଜୀ ପାଲୋଞ୍ଜୀ ଗ୍ରୁପ୍ ନିଜ ଗ୍ରାହକଙ୍କୁ ସୁଲଭ ଲଜିଷ୍ଟିକ୍ ସୁବିଧା ପ୍ରଦାନ କରି ଭାରତର ଦୁଇଟି ତଟବର୍ତ୍ତୀ ଅଞ୍ଚଳରେ ବନ୍ଦର ବ୍ୟବସାୟ ପରିଚାଳନା କରିବ ବୋଲି ବନ୍ଦରର ପରିଚାଳନା ନିର୍ଦ୍ଦେଶକ ଅମିତ ସାବୁ କହିଥିଲେ। ଗଞ୍ଜାମ ଜିଲାପରିଷଦ ସଭାପତି ସୁବାସ ଚନ୍ଦ୍ର ବେହେରା, ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ର, ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଛତ୍ରପୁର ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ରାମଚନ୍ଦ୍ର ପଣ୍ଡା, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଜି. ଶ୍ରୀନିବାସ, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ବନ୍ଦରର ସିଇଓ କ୍ୟାପ୍‌ଟେନ୍ ସନ୍ଦୀପ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

ବନ୍ଦର ଲୋକାର୍ପଣ କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ଶେରଗଡ଼ ଅଭିମୁଖେ ଯାଇଥିଲେ। ମହାତ୍ମା ଗାନ୍ଧୀ ହାଇସ୍କୁଲ ପଡିଆରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ଚାରିଛକକୁ ଯାଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଶେରଗଡ଼ ବ୍ଲକ ସମ୍ମୁଖ ସମାବେଶସ୍ଥଳକୁ ଯାଇଥିଲେ। ଏଠାରେ ୧୭୨ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ହରଭଙ୍ଗୀ ଜଳସେଚନ ପ୍ରକଳ୍ପ ଉନ୍ନତୀକରଣ ଓ ସମ୍ପ୍ରସାରଣ କାର୍ଯ୍ୟ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହ ହିଞ୍ଜିଳି ବ୍ଲକର କରମଙ୍ଗାନାଳ ରାସ୍ତା ଉନ୍ନତୀକରଣ କାର୍ଯ୍ୟ, ବ୍ରାହ୍ମଣଛାଇ- ବୋଲସରା ରାସ୍ତାରେ ବାଘୁଆ ନଦୀ ଉପରେ ସେତୁ ଏବଂ ବସୁଧା ଯୋଜନାରେ ଶେରଗଡ ବ୍ଲକର ଶେରଗଡ, କାଞ୍ଚିଆମା, ବି. ଟିକିଲି, ଅଲାରିଗଡ, ଲକ୍ଷ୍ମୀନୃସିଂହପୁର ଓ କରଡକଣା, ହିଞ୍ଜିଳି ବ୍ଲକର ରାଳବ, ବାଦିଆମ୍ବଗାଁ, ଦୁର୍ବନ୍ଧ ଓ ମକରଝୋଳ ପାଇଁ ଜଳଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ୧୦ ନିର୍ମାଣ ଶ୍ରମିକଙ୍କୁ ସାଇକେଲ ଓ ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଆୟୋଜିତ ସମାବେଶରେ ଯୋଗଦେଇ କାଳିଆ ଯୋଜନା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାୟ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦେବବ୍ରତ ସାହୁ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର ,ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାବୁଲା କୁମାର ଚୌଧୁରୀ, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଶେଷରେ ସାନଖେମୁଣ୍ଡି ବ୍ଲକ ପାଇକରାମଚନ୍ଦ୍ରପୁର ପଞ୍ଚାୟତ ପି.ଜଗନ୍ନାଥପୁରରେ ଆୟୋଜିତ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଚାଷୀ ପରିବାରର ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ଅର୍ଥର ଅଭାବ ରହିବ ନାହିଁ। ସେମାନେ ଡାକ୍ତର, ଇଞ୍ଜିନିୟର ଓ ବୈଜ୍ଞାନିକ ହୁଅନ୍ତୁ। ସେଥିପାଇଁ ରାଜ୍ୟ ସରକାର ଅର୍ଥ ଯୋଗାଇ ଦେବେ। ରାଜ୍ୟର ପ୍ରାୟ ୩୦ ଲକ୍ଷ ଚାଷୀ ପରିବାରକୁ କାଳିଆ ଯୋଜନାରେ ସାମିଲ କରାଯାଇଛି। ଆହୁରି ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ସୂଚନା ଦେଇଥିଲେ। ଧରାକୋଟରେ ଏକ ଡିଗ୍ରୀ କଲେଜ ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ସମାବେଶରେ ଯୋଗଦେବା ପୂର୍ବରୁ ଧରାକୋଟ ଓ ସାନଖେମୁଣ୍ଡି ବ୍ଲକର ୨୨୬ଟି ଗ୍ରାମର ପାନୀୟ ଜଳ ପ୍ରକଳ୍ପ ଓ ରାସ୍ତା ନିମନ୍ତେ ଶିଳାନ୍ୟାସ କରିଥିଲେ। ଏଥିପାଇଁ ୧୭ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଆୟୋଜିତ ସଭାରେ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ ଉଦବୋଧନ ଦେଇ ବିଜେଡି ସରକାରଙ୍କ ସମୟରେ ନିର୍ବାଚନ ମଣ୍ଡଳୀରେ ବହୁବିଧ ବିକାଶ ହୋଇପାରିଥିବା କହିଥିଲେ। ସେହିପରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ଏବେ କେନ୍ଦ୍ର ସରକାର ଅନୁକରଣ କରୁଥିବା ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଉଲ୍ଲେଖ କରିଥିଲେ। ଯୋଜନା, ସମନ୍ୱୟ ମନ୍ତ୍ରୀ ଉଷା ଦେବୀ, ମନ୍ତ୍ରୀ ଆରୁଖ, ଗୋପାଳପୁର ବିଧାୟକ ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ ଚ୍ୟାଉ ପଟ୍ଟନାୟକ, ଆସିକା ବିଧାୟକ ଦେବରାଜ ମହାନ୍ତି, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଅଧ୍ୟକ୍ଷା ଲତିକା ପ୍ରଧାନ, ପୂର୍ବତନ ଏମପି ରେଣୁବାଳା ପ୍ରଧାନ, ରାଜ୍ୟ ଓସକାର୍ଡ ବ୍ୟାଙ୍କ ଅଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଫୁଲତୋଡା ଦେଇ ସ୍ୱାଗତ ଜଣାଇଥିଲେ।

## ଏପ୍ରିଲ ପହିଲାରୁ ନୂଆ...

କୁହାଯାଇଛି। ଏହାଛଡା ପୁରୁଣା ଗାଡିଗୁଡ଼ିକୁ ମଧ୍ୟ ପର୍ଯ୍ୟାୟକ୍ରମେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍‌ରେ ସାମିଲ କରାଯିବ। ସୁରକ୍ଷାକୁ ଦୃଷ୍ଟିରେ ରଖି ସମଗ୍ର ଦେଶରେ ଗୋଟିଏ ପ୍ରକାର ନମ୍ବରପ୍ଲେଟ୍ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ୨୦୧୫ରେ ରାଜ୍ୟଗୁଡିକୁ ପ୍ରସ୍ତାବ ଦେଇଥିଲେ। ଓଡ଼ିଶା ସରକାର ଏ ନେଇ ଟେଣ୍ଡର ଡାକିଥିଲେ। ମାତ୍ର ଦୁଇଚକିଆ ଯାନର ନମ୍ବର ପ୍ଲେଟ୍ ପିଛା ଘରୋଇ ସଂସ୍ଥା ୨୦୦ ଟଙ୍କା ନେବାକୁ ପ୍ରସ୍ତାବ ଦେଇଥିଲେ। ଏହି ଟେଣ୍ଡରକୁ ରାଜ୍ୟ ସରକାର ରଦ୍ଦ କରି ଦେଇଥିଲେ। ଟେଣ୍ଡର ଆବେଦନ କରିଥିବା ସଂସ୍ଥା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟ ଉକ୍ତ ସଂସ୍ଥା ସପକ୍ଷରେ ରାୟ ଦେବାରୁ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାମଲା ଏବେ ବିଚାରାଧୀନ ରହିଛି। କେନ୍ଦ୍ର ସରକାରଙ୍କ ନୂତନ ନିୟମ ପ୍ରଣୟନ ହେବା ପରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ପାଇଁ ଏଣିକି କୌଣସି ସଂସ୍ଥାର ଆବଶ୍ୟକତା ପଡିବ ନାହିଁ। ଡିଲରମାନେ ଏହି କାର୍ଯ୍ୟ ତୁଲାଇବେ ବୋଲି ବାଣିଜ୍ୟ ଓ ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ବେଆଇନ କିମ୍ବା ଆପରାଧିକ କାର୍ଯ୍ୟକଳାପରେ ନିୟୋଜିତ ଥିବା ଗାଡିଗୁଡିକ ସହଜରେ ଚିହ୍ନଟ କରାଯାଇ ପାରିବ ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ଚନ୍ଦ୍ର କର୍ମଭାବସ୍ଥ ଶୁକ୍ର ନକ୍ଷତ୍ରସ୍ଥ ହେତୁ ପରିବାର ଓ କର୍ମକ୍ଷେତ୍ରର ସ୍ଥିତି ଆନନ୍ଦଦାୟକ ରହିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ଆତ୍ମୀୟ ସ୍ୱଜନ ସୁବିଧାବାଦୀ ଭଳି କାମ କଲେ ମଧ୍ୟ ଆପଣଙ୍କୁ କିଛି ଫରକ ପଡ଼ିବ ନାହିଁ। ପାରିବେଶିକ ପ୍ରଭାବରେ ସମାଜକଲ୍ୟାଣମୂଳକ କାର୍ଯ୍ୟ କିମ୍ବା ଧର୍ମାନୁଷ୍ଠାନ ଦିଗରେ ଆଗ୍ରହ ପ୍ରକାଶ କରିବେ।

**ବୃଷ**

ଲାଭସ୍ଥାନରେ ବୁଧ ଯୋଗୁ ଅର୍ଥଲାଭର ଆଶା ବ୍ୟର୍ଥ ଯିବନାହିଁ। ହାତକୁ ନେଇଥିବା କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପାରେ। ସନ୍ତାନଙ୍କ ଶିକ୍ଷା, ପରୀକ୍ଷାରେ ଆଶାନୁରୂପ ଫଳ ଲାଭର କ୍ଷୀଣ ଆଶା ଚିନ୍ତା କରି ବ୍ୟଥିତ ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ବନ୍ଧୁଙ୍କ ଆଲୋଚନା କେତେକାଂଶରେ ଭଲ ରହିପାରେ।

**ମିଥୁନ**

ଚନ୍ଦ୍ରଙ୍କ କେନ୍ଦ୍ରସ୍ଥାନରେ ବୁଧ ହେତୁ ବନ୍ଧୁଙ୍କ କାର୍ଯ୍ୟକଳାପକୁ ନେଇ ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସଭାସମିତି, ପ୍ରଶାସନିକ ଆଲୋଚନା, ଆଇନ ଅଦାଲତ କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ। କଳା, ସାହିତ୍ୟ ଓ ସଂଗୀତ, ପର୍ଯ୍ୟଟନ ଦିଗରେ ମାନସିକ ପ୍ରସ୍ତୁତି ଚଳାଇପାରନ୍ତି।

**କର୍କଟ**

କେନ୍ଦ୍ରକୋଣାଧିପତି ମଙ୍ଗଳ ଓ ଦେବଗୁରୁଙ୍କ ସମ୍ବନ୍ଧ ଆପଣଙ୍କ ପ୍ରତ୍ୟେକ ଆଶା ଓ ଅଭିଳାଷକୁ ପୂରଣ କରିଦେବ। ଫଳତଃ ଆନୁଷଙ୍ଗିକ ଅନୁକୂଳ ପରିବେଶ ମଧ୍ୟରେ ଇପ୍‌ସିତ ଦ୍ରବ୍ୟଲାଭ କରିପାରନ୍ତି। ଅବଶ୍ୟ କାର୍ଯ୍ୟ ହାସଲ ଦିଗରେ ଖର୍ଚ୍ଚାନ୍ତ ହେଲେ ମଧ୍ୟ ସୁଯୋଗର ସଦ୍‌ବ୍ୟବହାର କରିବାରେ କୌଣସି ଅସୁବିଧା ହେବନାହିଁ।

**ସିଂହ**

କେତୁଯୁକ୍ତ କର୍ମାଧିପତି ଯୋଗୁ ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲ ଭାବରେ ଚିନ୍ତା କରିବା ଭଲ ହେବ। ବ୍ୟବସାୟିକ ଦୃଷ୍ଟିକୋଣରୁ କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସଭାସମିତିରେ ଆପଣଙ୍କ କାର୍ଯ୍ୟଦକ୍ଷତା ବନ୍ଧୁବର୍ଗଙ୍କ ଦ୍ୱାରା ପ୍ରଶଂସିତ ହେବ। କିନ୍ତୁ ମଘା ନକ୍ଷତ୍ର କର୍ମକ୍ଷେତ୍ରରେ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ।

**କନ୍ୟା**

ବ୍ୟୟାଧିପ ଷଷ୍ଠଭାବସ୍ଥ ହେତୁ ସ୍ୱାସ୍ଥ୍ୟ, ଶତ୍ରୁତା, ବିବାଦ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଅବଶ୍ୟ ଜମା ଟଙ୍କାରୁ କିମ୍ବା ବ୍ୟାଙ୍କସୂତ୍ରରୁ ଅଥବା ସରକାରୀ ସ୍ତରରୁ ଅର୍ଥପ୍ରାପ୍ତିର ସୂଚନା ରହିଛି। ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବାର ସୁଯୋଗ ପାଇବେ। ମାନସିକ ଅସ୍ଥିରତା ଦେଖାଦେଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**ତୁଳା**

କର୍ମାଧିପ ନିଜଭାବରୁ ଷଷ୍ଠସ୍ଥ ହୋଇ ପାପଗ୍ରହ କବଳରେ ଥିବାରୁ କାମଗୁଡ଼ିକ ଶୃଙ୍ଖଳିତ ନ ହୋଇପାରେ। ଅବଶ୍ୟ ବିଶାଖା ନକ୍ଷତ୍ର ବହୁଳାଂଶରେ ଉପକୃତ ହୋଇପାରନ୍ତି। ବନ୍ଧୁମାନଙ୍କ ସହାୟତା ନେଇ ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ଆନୁଷ୍ଠାନିକ କାମ ପରିସରରେ ମିତ୍ରତାର ବନ୍ଧନରେ ଆବଦ୍ଧ ହେବେ।

**ବିଛା**

ଚନ୍ଦ୍ର ପାପଗ୍ରହ ଯୁକ୍ତ ହୋଇ ଦ୍ୱିତୀୟସ୍ଥ ହେତୁ କିଛି କହିବା ପୂର୍ବରୁ ଭାବିଚିନ୍ତି ନ କହିଲେ ଓଲଟା ବୁଝାମଣା ଅନର୍ଥ ସୃଷ୍ଟି କରିବ। ଆଜିହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି । ବାଣିଜ୍ୟ, ବ୍ୟବସାୟରେ ବିଶେଷ ଉନ୍ନତି କରିବେ। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ଧନୁ**

ଶନିଙ୍କ ପ୍ରଭାବରେ ପ୍ରତ୍ୟେକ କାର୍ଯ୍ୟରେ ମନ୍ଥରତା ପରିଲକ୍ଷିତ ହେବ। ଆକସ୍ମିକ ଭାବରେ ସ୍ଥାନାନ୍ତର କିମ୍ବା ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇପାରନ୍ତି। ପରିବାରରେ ସହମତିରେ କାମ କଲେ ଆଶା ପୂରଣ ହୋଇପାରିବ। କିନ୍ତୁ ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମକର**

ପରିବାର ସ୍ଥାନରେ ସ୍ୱଗୃହୀ ମଙ୍ଗଳ ସୁନ୍ଦର ପାରିବାରିକ ଜୀବନ କଟାଇବାରେ ସାହାଯ୍ୟ କରିବ। କିନ୍ତୁ ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଯେତେ ଚେଷ୍ଟା କଲେ ମଧ୍ୟ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇ ପାରିବ ନାହିଁ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**କୁମ୍ଭ**

କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଲକ୍ଷ୍ୟ ପୂରଣ କରିପାରିବେ। ପରିବାରରେ ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁଙ୍କୁ ଦେଇଥିବା ଜିନିଷ ଠିକ୍ ସମୟରେ ନ ପାଇ ବ୍ୟସ୍ତତା ଅନୁଭବ କରିପାରନ୍ତି। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ହେବ।

**ମୀନ**

ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବେ। ପୂର୍ବ ପରିକଳ୍ପିତ ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ।

ଆଜି ଫାଲ୍‌ଗୁନ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ଶୁକ୍ରବାର, ମାର୍ଚ୍ଚ ୧ ତାରିଖ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୩୬ମି. ମଧ୍ୟେ ଘ୪।୨୩ମି. ଗତେ ଘ୫।୪୯ମି. ମଧ୍ୟେ ଅମୃତବେଳା। ଦିବା ଘ୭।୩୬ମି. ଗତେ ଘ୯।୦୨ମି. ମଧ୍ୟେ, ଘ୧୧।୫୪ମି. ଗତେ ଘ୧।୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୩୨ମି. ଗତେ ଘ୧୨।୦୦ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ବୁଗୁଡ଼ା,୨୮।୨(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ମାଣିତରା ବିଜ୍ଞାନ ମହାବିଦ୍ୟାଳୟରେ ୧୨ ଦିନ ଧରି ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ଅନୁପ କୁମାର ପଣ୍ଡା ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ବୁଗୁଡ଼ା ଏସ୍‌ଆଇ ତନୁଶ୍ରୀ ସାହୁ ଓ ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମ ସଂଯୋଜକ ସୁଚିତ୍ରା ପଣ୍ଡା, ଆଶିଷ କୁମାର ପାତ୍ର, ରମା ବଲ୍ଲଭ ରାଉତ, କାହ୍ନୁ ଚରଣ ଦାଶ, ଦିଲୀପ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ଯୁଗରେ ମହିଳାମାନଙ୍କ ନିମନ୍ତେ ଆତ୍ମ ସୁରକ୍ଷା କୌଶଳ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। କଲେଜର ଶତାଧିକ ଛାତ୍ରୀମାନଙ୍କୁ ପ୍ରଶିକ୍ଷକ ଚାନ୍ଦିନୀ ସାହୁ, ଦିବ୍ୟାନୀ ସାହୁ, ପୂଜା ପ୍ରଧାନ, ଅର୍ଚ୍ଚନା ପ୍ରଧାନ ପ୍ରମୁଖ ତାଲିମ ଦେଇଥିଲେ।

### ଚାଇଲ୍ଡ ଲାଇନର ଖୋଲାମଞ୍ଚ କାର୍ଯ୍ୟକ୍ରମ



**ଫିରିଙ୍ଗିଆ, ୨୮।୨:** ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଚାଇଲ୍ଡ ଲାଇନ ପକ୍ଷରୁ ଖୋଲାମଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ନିର୍ଯାତନା, ଶିଶୁ ଚାଲାଣ, ବାଲ୍ୟ ବିବାହ ରୋକିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଗୋଚ୍ଛାପଡା ପୋଲିସ, ଚାଇଲ୍ଡ ଲାଇନର ଶିବ ଶଙ୍କର ବେହେରା, ଦୋଳଗୋବିନ୍ଦ ମହାରଣା, ରାଜଲକ୍ଷ୍ମୀ ମହାକୁଡ, ଗ୍ରାମ ମୁଖିଆମାନେ ଯୋଗଦେଇ ଉପସ୍ଥିତ ଲୋକଙ୍କୁ ଉପରୋକ୍ତ ବିଷୟରେ ସଚେତନ ହେବାକୁ କହିଥିଲେ।

### ଯୁବ ନାଟ୍ୟସଂଘ ତରଫରୁ ନାଟକ ମଞ୍ଚସ୍ଥ



**ବୁଗୁଡ଼ା,୨୮।୨(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ଅନ୍ତର୍ଗତ ନାଗିରି ଠାରେ ମା' ବୁଢ଼ୀ ଠାକୁରାଣୀ ଯୁବ ନାଟ୍ୟ ସଂଘ ତରଫରୁ ବୁଧବାର ନାଟକ 'ଘର ଭାଙ୍ଗିଗଲା ପର କଥାରେ' ମଞ୍ଚସ୍ଥ ହୋଇଯାଇଛି। ବିଧାୟକ ଶ୍ରୀକାନ୍ତ ସାହୁ ଏହାର ଉଦଘାଟନ କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଇ. ମଦନ ଗୋପାଳ ଦୋରା, ଜିଲା ପରିଷଦ ସଭ୍ୟ ଭୁବନେଶ୍ୱରୀ ଖଟାଇ, କୃଷ୍ଣଚନ୍ଦ୍ର ରା, ନଗର ବିଜେଡି ସଭାପତି ରାଜେନ୍ଦ୍ର ପାଢ଼ୀ, ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ, ସରପଞ୍ଚ, ସମିତିସଭ୍ୟ, ଗ୍ରାମବାସୀ ଉପସ୍ଥିତ ଥିଲେ।

### ଏନଏସି କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବୁଗୁଡ଼ା,୨୮।୨(ଡି.ଏନ.ଏ.):** ବୁଗୁଡା ଏନ୍‌ଏସିର ଏଟିସି କର୍ମଚାରୀ ନାରାୟଣ ଗୌଡ଼ଙ୍କୁ ଗୁରୁବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ଏନଏସି କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ପୌର ସଂଘର ସଭାପତି ସନ୍ତୋଷ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ, ସଂଘ ଉପସଭାପତି ଜଗଦୀଶ ପଣ୍ଡା ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ଅବସରପ୍ରାପ୍ତ କର୍ମଚାରୀଙ୍କ କାର୍ଯ୍ୟକଳାପ ବିଷୟରେ ପ୍ରଶଂସା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ କର୍ମଚାରୀ ନାରାୟଣ ଗୌଡ଼ଙ୍କୁ ଉପଢ଼ୌକନ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅସହାୟ ମହିଳାଙ୍କୁ ହତ୍ୟା ଅଭିଯୋଗ

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

**ଫୁଲବାଣୀ ଅଫିସ/ଶଙ୍କରାଖୋଲ, (ଡି.ଏନ୍.ଏ.),୨୮।୨**

ଫୁଲବାଣୀ ସଦର ଥାନା ଅନ୍ତର୍ଗତ ଗୁମ୍ମାଗଡ଼ଠାରେ ଗୁରୁବାର ଜଣେ ବିଧବାଙ୍କୁ ତାଙ୍କ ଶାଶୁଘର ଲୋକେ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ମଇନୀ ବିଶ୍ୱାଳଙ୍କ ବାପା ଘର ଲୋକେ ଏ ନେଇ ଥାନାରେ ଅଭିଯୋଗ କରିଲେ। ପରେ ପରିବାର ଲୋକେ ଓ ସମ୍ପର୍କୀୟମାନେ ଅଭିଯୁକ୍ତମାନଙ୍କୁ ଗିରଫ ଦାବି ନେଇ ଫୁଲବାଣୀ-ବ୍ରହ୍ମପୁର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ନଂ. ୪/୧୯ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରାଧାକାନ୍ତ ସାହୁ କହିଛନ୍ତି। ସୂଚନା ଅନୁସାରେ, ଟିକାବାଲି ଥାନା କଇଁଝର ମାଙ୍କଡବାଟା ଗ୍ରାମର ମଇନି ଗୁମ୍ମାଗଡର ରଞ୍ଜନ ବିଶ୍ୱାଳଙ୍କୁ ୨୦୧୫ରେ ବିବାହ କରିଥିଲେ। ୨୦୧୭ରେ ରଞ୍ଜନଙ୍କର ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସେବେଠାରୁ ଶାଶୁଘର ଲୋକେ ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଶାଶୁଘର ଲୋକେ ଗାଳି ଗୁଲଜ ସହ ମାଡ ମାରୁଛନ୍ତି ବୋଲି ଗୁରୁବାର ମଧ୍ୟାହ୍ନରେ ମଇନି ତାଙ୍କ ବାପା ଘାସିରାମ ବିଶୋୟୀଙ୍କୁ ଫୋନରେ କହିଥିଲେ। ଏହାଶୁଣି ଘାସିରାମ ଗୁମ୍ମାଗଡ଼ ଆସିଥିବା ବେଳେ ଡାକ୍ତରଖାନାରେ ଝିଅ ମୃତଦେହ ଥିବା ଦେଖିଥିଲେ। ସେପଟେ ଶାଶୁ ଘର ଲୋକ କହିଥିଲେ ଯେ, ମଇନି ଫ୍ୟାନରେ ରଶି ଲଗାଇ ଓହଳି ପଡିଥିଲେ। ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆଣିଥିଲୁ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ପୋଲିସ ଜବତ କରିଛି। ମଇନିଙ୍କ ପରିବାର ଲୋକେ ମୃତଦେହ ନ ଛାଡି ରାସ୍ତାରୋକୋ କରି ଶାଶୁ, ଶ୍ୱଶୁର ଏବଂ ଦେଢ଼ଶ୍ୱଶୁରଙ୍କୁ ଗିରଫ ଦାବି କରିଥିଲେ। ରାତିରେ ଫୁଲବାଣୀ ଡିଏସ୍‌ପି ଏସ୍. ଆର୍. ହେମ୍ବ୍ରମ ଓ ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ରୋଦନ ମଲିକ ପହଞ୍ଚି ମଧ୍ୟ ସେମାନଙ୍କୁ ବୁଝାଶୁଝା କରିଥିଲେ। ପରେ ଅଭିଯୁକ୍ତ ଶ୍ୱଶୁରଙ୍କୁ ଥାନାକୁ ନେଇ ଅଟକ ରଖିବା ସହ ଅନ୍ୟ ଶାଶୁ ଓ ଦେଢ଼ଶ୍ୱଶୁରଙ୍କୁ ଶୁକ୍ରବାର ଥାନାକୁ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାତି ପ୍ରାୟ ୧୦ଟାରେ ରାସ୍ତାରୋକା ହଟିଥିଲା।



ମୃତ ମହିଳାଙ୍କ ପରିବାରଲୋକେ ରାସ୍ତାରୋକୋ କରିଛନ୍ତି।



ଧୋଇଯାଇଥିବା ରାସ୍ତା।

## ପ୍ରବଳ ବର୍ଷାରେ ଧୋଇଗଲା ରାସ୍ତା

**ଦାରିଙ୍ଗବାଡି,୨୮।୨(ଡି.ଏନ୍.ଏ.)**

କାଳବୈଶାଖୀ ପ୍ରଭାବରେ ବୁଧବାର ବିଳମ୍ବିତ ରାତିରେ ଝଡ଼ତୋଫାନ ସହ ପ୍ରବଳ ବର୍ଷା ହେଇଥିଲା। ଏଥିରେ କ.ନୂଆଗାଁ ବ୍ଲକ ସିର୍ତ୍ତିଗୁଡା ଅଞ୍ଚଳ ଦେଇ ଯାଇଥିବା ଜାତୀୟ ରାଜପଥର ଏକ ବାଇପାସ ପୋଲ ଧୋଇଯାଇଛି। ଫଳରେ ଦାରିଙ୍ଗବାଡିଠାରୁ ବାଲିଗୁଡ଼ା ଗାଡିଚଳାଚଳ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିଲା। ଶତାଧିକ ଗାଡି ମୋଟର ଜାତୀୟ ରାଜପଥରେ ଅଟକି ରହିଥିଲା। ରାସ୍ତା କାମ କରୁଥିବା ଠିକା କମ୍ପାନୀ ବୁଧବାର ସକାଳୁ ପୁଣି ଉକ୍ତ ବାଇପାସ ରାସ୍ତା ନିର୍ମାଣ କରିବା ପରେ ପୂର୍ବାହ୍ନ ସାଢେ ୧୦ଟାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି । ନିମ୍ନ ମାନର ବାଇପାସ ନିର୍ମାଣ ଯୋଗୁ ଅଦିନିଆ ବର୍ଷାରେ ତାହା ଧୋଇଯାଇଥିବା ଦାରିଙ୍ଗବାଡିର ଓକିଲ ମନୋଜ ପଣ୍ଡା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବର୍ଷା ପବନ ଯୋଗୁ କ. ନୂଆଗାଁ, ଦାରିଙ୍ଗବାଡି, ବାଲିଗୁଡା, ତୁମୁଡିବନ୍ଧ, କୋଟଗଡ ବ୍ଲକ ଅଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି।

## ମୋ ବୁଥ୍ ସବୁଠୁ ମଜଭୁତ କାର୍ଯ୍ୟକ୍ରମ

**ଦିଗପହଣ୍ଡି,୨୮।୨(ଡି.ଏନ.ଏ.)**

ଦିଗପହଣ୍ଡି ବିଦ୍ୟୁତ ସବ୍‌ଷ୍ଟେଶନ ସମ୍ମୁଖ ପଡ଼ିଆଠାରେ ଭାଜପା ପକ୍ଷରୁ ଗୁରୁବାର ମୋ ବୁଥ ସବୁଠୁ ମଜଭୁତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ମଣ୍ଡଳୀ ସ୍ତରୀୟ କାର୍ଯ୍ୟକ୍ରମରେ ମଣ୍ଡଳସ୍ତରୀୟ ସମସ୍ତ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସିଂ ଜରିଆରେ ବିଭିନ୍ନ କାର୍ଯ୍ୟକର୍ତ୍ତାମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ନିଜ ନିଜ ଅଞ୍ଚଳର ବୁଥ (ଭୋଟକେନ୍ଦ୍ର) ପ୍ରତି ଯଥେଷ୍ଟ ଧ୍ୟାନ ଦେବା ସହ ଭୋଟଦାତାମାନଙ୍କ ସହ ସମ୍ପର୍କ ଯୋଡ଼ିବାକୁ ପରାମର୍ଶ ଦେଇଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇଂ. ଉତ୍ତମ କୁମାର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଦଳୀୟ ବିସ୍ତାରକ ଅଜୟ କୁମାର ମଲିକ, ଭାଜପା ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ବନଜା ପଣ୍ଡା, ସନ୍ତୋଷ ସାହୁ, ରଘୁନାଥ ସାମନ୍ତରା, ମଣ୍ଡଳ ସଭାପତି ପ୍ରଶାନ୍ତ ପାଢ଼ୀ, ପ୍ରଦୀପ କୁମାର ଦାସ, ଦିଲୀପ ପ୍ରଧାନ, ସୁଭ୍ରାଂଶୁ ପ୍ରଧାନ, ଅରୁଣ ଗୌଡ଼, ଜାକବ ପ୍ରଧାନ, ଗଜେନ୍ଦ୍ର ଚୌଧୁରୀ, ଚନ୍ଦନ ମହାରଣା, ବିଜୟଲକ୍ଷ୍ମୀ ପ୍ରଧାନ, ସୀମାଞ୍ଚଳ ପାଣିଗ୍ରାହୀ, ଶିବାନୀ ସାହୁ, ସୀତାରାମ ରେଡ୍ଡୀ, ରାମକୃଷ୍ଣ ବେହେରା, ବାବୁରାମ ପ୍ରଧାନ ପ୍ରମୁଖ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ଉପସ୍ଥିତ ଦଳୀୟ କାର୍ଯ୍ୟକର୍ତ୍ତା।

## ୬ଶହ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ

**ଶେରଗଡ,୨୮।୨(ଡି.ଏନ୍.ଏ.)**

ଶେରଗଡ ବ୍ଲକ ଅନ୍ତର୍ଗତ ୩ଟି ଗ୍ରାମର ମୋଟ ୬୦୦ ଜଣଙ୍କୁ ଘରବାଡି ପଟ୍ଟା ପ୍ରଦାନ କରାଯାଇଛି। ଗ୍ରାମଗୁଡିକରେ ସଭା କରି ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ସ୍ଥାନୀୟ ତହସିଲଦାର ଡ.ଦୟାସିନ୍ଧୁ ପରିଡା, ସୁରଞ୍ଜନ କୁମାର ସାହୁ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଓ ହୀନ ବେହେରା ,ଅଲାରିଗଡ ସରପଞ୍ଚ ଅଶୋକ କୁମାର ସ୍ୱାଇଁ, ଡେଙ୍ଗାପଦର ସରପଞ୍ଚ ରାମକୃଷ୍ଣ ପୋଲାଇଙ୍କ ଉପସ୍ଥିତିରେ ବାକିଲିକଣା, କୁରୁଲା, ଅଲାରିଗଡ ଗ୍ରାମର ୬୦୦ ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜସ୍ୱ ନିରୀକ୍ଷକ ମନୋଜ କୁମାର ନାହାକ, ସୁପରଭାଇଜର ପି. ପଞ୍ଚାମାଙ୍କ ସମେତ ରାଜସ୍ୱ କର୍ମଚାରୀ ଯୋଗ ଦେଇଥିଲେ।



ଅତିଥିଙ୍କ ସହ ପଟ୍ଟା ପାଇଥିବା ହିତାଧିକାରୀ।

## କାଳିଆ ରଥ ସଚେତନତା କାର୍ଯ୍ୟକ୍ରମ

**କବିସୂର୍ଯ୍ୟନଗର,୨୮।୨**

ଚାଷୀମାନଙ୍କୁ ସରକାରୀ ସହାୟତା ଓ ଯୋଜନାଗୁଡ଼ିକ ସମ୍ବନ୍ଧରେ ଅବଗତି ନିମନ୍ତେ କାଳିଆ ରଥର ଶୁଭାରମ୍ଭ ହୋଇଛି। ବୁଧବାର କବିସୂର୍ଯ୍ୟନଗର ବ୍ଲକ ଅଫିସ ପରିସରରେ ବ୍ଲକ ଅଧକ୍ଷ ସନ୍ତୋଷ କୁମାର ପାଢ଼ୀ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ବିଡିଓ ପ୍ରଦୀପ କୁମାର ପଣ୍ଡା, ବ୍ଲକ କର୍ମଚାରଙ୍କ ଉପସ୍ଥିତିରେ କାଳିଆ ରଥ ଗଡ଼ିଥିଲା। ଏହି ରଥ ଆମ୍ବପୁଆ, ଏ. ବରିଡ଼ା ଓ ନନ୍ଦିଆଗଡ଼ା ପଞ୍ଚାୟତ ପରିକ୍ରମା କରି ଚାଷୀମାନଙ୍କ ନିକଟରେ ସଚେତନତା ବାର୍ତ୍ତା ପହଞ୍ଚାଇଥିଲା। ସମସ୍ତ ୨୧ଟି ପଞ୍ଚାୟତରେ ରଥ ବୁଲି ସଚେତନ କରିବ ବୋଲି ବିଡିଓ କହିଛନ୍ତି।



କାଳିଆ ରଥ ଶୁଭାରମ୍ଭ କରାଯାଉଛି।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବେଗୁନିଆପଡା,୨୮।୨(ଡି.ଏନ୍.ଏ.)**

ବେଗୁନିଆପଡା ବ୍ଲକ ଏସ. ଛଟିନାସ୍ଥିତ କସ୍ତୁରବା ଗାନ୍ଧୀ ଆବସିକ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ସମବାୟ ସମ୍ପାଦକ ନୀଳାଞ୍ଚଳ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ପ୍ରକାଶ ଚନ୍ଦ୍ର ସାଇଁ, ଆର୍.କେ. ହାଇ ସ୍କୁଲ ପ୍ରଧାନ ଶିକ୍ଷକ ବ୍ରଜ ସୁନ୍ଦର ପ୍ରଧାନ, ସଭାପତି ସୀମାଞ୍ଚଳ ନାୟକ, ନୋଡାଲ ସ୍କୁଲ ସଭାପତି କାମେଶ୍ୱର ବିଶୋୟୀ, ପୂର୍ବତନ ସରପଞ୍ଚ ବିଜୟ କୁମାର ନାୟକ, ପ୍ରଧାନ ଶିକ୍ଷକ ମୀନା ମହାପାତ୍ର, ନାଏବ ସରପଞ୍ଚ ବିଷ୍ଣୁ ପ୍ରସାଦ କହଁର ଯୋଗଦେଇ ଗୁଣାତ୍ମକ ଶିକ୍ଷା ପ୍ରଦାନ, ଗୁରୁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ବିଦ୍ୟାଳୟ ସୁନାମ ଅର୍ଜନ କରିବ ବୋଲି କହିଥିଲେ। ସନ୍ଧ୍ୟାରେ କଳା ଶିକ୍ଷକ ଇନ୍ଦ୍ରମଣି ସାସମଲଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ମଞ୍ଚାସିନ ଅତିଥି।

## ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

**ବେଗୁନିଆପଡା,୨୮।୨(ଡି.ଏନ୍.ଏ.)**

ବେଗୁନିଆପଡ଼ା ବ୍ଲକ ସାଙ୍କୁଡା ଠାକୁରାଣୀ ମନ୍ଦିର ପରିସରରେ ବ୍ଲକ ସ୍ତରୀୟ କୃଷକ ସମ୍ପର୍କ ମେଳା ଗୁରୁବାର ଆତ୍ମା ଅଧକ୍ଷ କବିରାଜ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କୃଷି ଅଧିକାରୀ ବିଦୁର ସେଠମାଝୀ, ତହସିଲଦର ପ୍ରଭାତ କୁମାର ପରିଡା, ଏଆରସି ଏସ. ଆର୍. ଚନ୍ଦ୍ରଶେଖର ରେଡ୍ଡୀ, ବ୍ଲକ ଅଧକ୍ଷ ପ୍ରତିନିଧି ବିଜୟ କୁମାର ଦୋରା, ଭାଇସ ଚେୟାରମ୍ୟାନ ଭ୍ରମରବର ଭୂୟାଁ, ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତିଆଡି, ଜିଲା ସହକାରୀ କୃଷି ଅଧିକାରୀ ନିମାଇଁ ଚରଣ ଦାସ, ବିହନ ଉତ୍ପାଦନ ଅଧିକାରୀ, ଏଟିଓ ଅଶୋକ କୁମାର ତ୍ରିପାଠୀ ଯୋଗ ଦେଇ କୃଷକ ମାନଙ୍କ ପାଇଁ ହୋଇଥିବା ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ସଚେତନ ରହିଲେ ଯୋଜନାର ସଫଳ ରୂପାୟନ ହୋଇପାରିବ, କୃଷି ସହିତ ମାଛ ଚାଷ, ଉଦ୍ୟାନ, ପଶୁପାଳନ ପ୍ରତି ଦୃଷ୍ଟି ଦେଲେ କୃଷକର ଉନ୍ନତି ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ବେଗୁନିଆପଡା କୃଷି ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା, ଶୁଭଶ୍ରୀ ଜେନା, ସାଙ୍କୁଡା ସରପଞ୍ଚ ସନ୍ତୋଷ କୁମାର ସାହୁ, କୃଷି ଗ୍ରାମସେବକମାନେ ସହଯୋଗ କରିଥିଲେ।

## ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ

**ପାରଳାଖେମୁଣ୍ଡି, ୨୮।୨(ସ୍ୱ.ପ୍ର.)**

ପାରଳାଖେମୁଣ୍ଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ବିଜ୍ଞାନ ସଂଯୋଜକ ସାମ୍ବିକ କୁମାର ପଟ୍ଟନାୟକ ଯୋଗଦେଇ ବିଜ୍ଞାନ କିପରି ଆମ ଦୈନନ୍ଦିନ ଜୀବନ ସହ ଓତଃପ୍ରୋତ ଭାବେ ଜଡିତ ସେ ବିଷୟରେ ବୁଝାଇଥିଲେ। ଏହି ଅବସରରେ ଆର୍ଯ୍ୟଭଟ୍ଟ ବିଜ୍ଞାନ ସଂସଦ ଗଠନ କରାଯିବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ସମ୍ବନ୍ଧିତ ସେମିନାର, କୁଇଜ୍, ପ୍ରକଳ୍ପ ପ୍ରଦର୍ଶନୀ, ବକ୍ତୃତା ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ସରୋଜ କୁମାର ପଣ୍ଡା ପରିଚାଳନା କରିଥିବାବେଳେ ବିଦ୍ୟାଳୟର ଉପଦେଷ୍ଟା ରାମାନନ୍ଦ ଦାସଜୀ ମହାରାଜ ଉପସ୍ଥିତ ଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ଶ୍ରଦ୍ଧାମୟୀ ପାଢୀ ଧନ୍ୟବାଦ ଦେଇଥିଲେ।

# ପାଇପ ଜଳ କର୍ମଚାରୀ ସଂଘର ଆନ୍ଦୋଳନ

**ଫୁଲବାଣୀ ଅଫିସ, ୨୮।୨**

ଓଡିଶା ପାଇପ ଜଳ କର୍ମଚାରୀ ସଂଘ କନ୍ଧମାଳ ଜିଲା ଶାଖା ତରଫରୁ ବିଭିନ୍ନ ଦାବି ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଧାରଣା ଦିଆଯାଇଛି । ସରକାର ଦାବି ପୂରଣ ନ କଲେ ଆସନ୍ତା ୫ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି । ପାଇପ ଜଳ କର୍ମଚାରୀମାନେ ରାଜ୍ୟର ୪ କୋଟିରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ସେବା ଯୋଗାଇ ଆସୁଛନ୍ତି। ହେଲେ କର୍ମଚାରୀଙ୍କ ମୌଳିକ ସମସ୍ୟା ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନାହାନ୍ତି। ଦାବି ସମୂହ ସମ୍ପର୍କରେ ସରକାର, ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଏବଂ ଅନ୍ୟ ଅଧିକାରୀମାନଙ୍କୁ ଅବଗତ କରାଯାଇଛି । ରାଜ୍ୟ ସରକାର ଏଥିପାଇଁ ସମୟ ନେବା ସହ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ତେଣୁ ସଂଘ ଆନ୍ଦୋଳନ ସ୍ଥଗିତ ରଖିଥିଲା । ୫ ମାସ ପରେ ବି ଦାବି ପୂରଣ ନ ହେବାରୁ ଆନ୍ଦୋଳନ କରାଯାଇଥିବା ଫୁଲବାଣୀ ଶାଖା ସଂଘ ସାଧାରଣ ସମ୍ପାଦକ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଜଳ ଯୋଗାଣ ବିଭାଗ ଅଧିନରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ପ୍ରୋତ୍ସାହନ ଭତ୍ତା, ଜଳ ଯୋଗାଣ କାର୍ଯ୍ୟରେ ନିୟୋଜିତ ଏସ୍‌ଇଏମ୍ ଓ ଠିକା କର୍ମଚାରୀଙ୍କୁ ଦୈନିକ ସର୍ବନିମ୍ନ ମଜୁରୀ ଉଚ୍ଚ କୁଶଳୀ ହାରରେ ପ୍ରଦାନ କରିବା, ସମସ୍ତ ୱାର୍କଚାର୍ଜ କର୍ମଚାରୀଙ୍କୁ ରେଗୁଲାର କରିବା ସହ ପେନସନ, ସପ୍ତମ ବେତନ କମିଶନ ସୁପାରିଶର ବକେୟା ୬୦ ପ୍ରତିଶତ ଅର୍ଥ ପ୍ରଦାନ ଆଦି ଦାବି ରହିଛି ।



ଧାରଣାରତ କର୍ମଚାରୀ।

ପରିଦର୍ଶନ କରନ୍ତୁ! ପରିଦର୍ଶନ କରନ୍ତୁ!!
ଉତ୍କଳିକା ୧୯୫୯
୬୦ ବର୍ଷର ଉତ୍କର୍ଷ
କର୍ପୋରେଟ୍ ଫେୟାର



ଭୁବନେଶ୍ୱର
ରେଡ଼କ୍ରସ ଭବନ ନିକଟ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ
ଇଣ୍ଡିଆନ ଅଏଲ୍ ଅଫିସ ନିକଟ, ଚନ୍ଦ୍ରଶେଖରପୁର
ଦୁର୍ଗା ମଣ୍ଡପ ନିକଟ, ସହିଦ ନଗର
କଟକ
ବାରବାଟୀ ଷ୍ଟାଡିୟମ ସମ୍ମୁଖ
ତା.୩୧/୦୩/୧୯ ପର୍ଯ୍ୟନ୍ତ, ସମୟ : ସକାଳ ୧୦ ଘଟିକା ଠାରୁ ରାତି ୯ ଘଟିକା ପର୍ଯ୍ୟନ୍ତ
୧୦% ହସ୍ତଶିଳ୍ପ ସାମଗ୍ରୀ ଉପରେ
ବିଶେଷ ରିହାତି
୧୦% + ୨୦% ହସ୍ତତନ୍ତ ସାମଗ୍ରୀ ଉପରେ
ODISHA INDIA'S BEST KEPT SECRET
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
ODISHA NEW OPPORTUNITIES

## ସଂକ୍ଷେପରେ

### ପୋଲିସ ଭାରୋତ୍ତୋଳନରେ ମିନତିଙ୍କୁ ରୌପ୍ୟ



ବ୍ରହ୍ମପୁର ଅଫିସ୍‌,୨୮।୨:ଜୟପୁରରେ ୬୭ତମ ସର୍ବ ଭାରତୀୟ ପୋଲିସ ଭାରୋତ୍ତୋଳନ ପ୍ରତିଯୋଗିତା ଚାଲିଛି । ଏହି ପ୍ରତିଯୋଗିତାର ୪୫କିଲୋ ଓଜନ ମହିଳା ବର୍ଗରେ ଖେଳି ଓଡ଼ିଶା ପାଇଁ ରୌପ୍ୟ ପଦକ ହାସଲ କରିଛନ୍ତି ମିନତୀ କୁମାରୀ ଦାସ। ସେ ସ୍ନାଚ୍‌ରେ ୪୭ ଏବଂ କ୍ଲିନ୍‌ ଆଣ୍ଡ ଜର୍କରେ ୬୫କିଲୋ ସହ ମୋଟ ୧୧୨କିଲୋ ଓଜନ ଉଠାଇ ରୌପ୍ୟ ପଦକ ହାସଲ କରିଛନ୍ତି ।

### ସେକ୍ସନ ଅଫିସରଙ୍କ ଅବସର ଗ୍ରହଣ



ବ୍ରହ୍ମପୁର ଅଫିସ,୨୮।୨: ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟ ସେକ୍ସନ ଅଫିସର ଅନ୍ତର୍ଯ୍ୟାମୀ ମାଣ୍ଡୋଇ ଗୁରୁବାର କାର୍ଯ୍ୟରୁ ସେବା ନିବୃତ୍ତ ହୋଇଛନ୍ତି। ୨୦୧୬ ଅଗଷ୍ଟରୁ ମାଣ୍ଡୋଇ ବ୍ରହ୍ମପୁର କାର୍ଯ୍ୟାଳୟର ସେକ୍ସନ ଅଫିସର ଭାବେ ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ଦୀର୍ଘ ବତିଶ ବର୍ଷ ବ୍ୟାପୀ ସେ ବିଭିନ୍ନ ବିଭାଗରେ କାର୍ଯ୍ୟ କରି ଆସିଛନ୍ତି। ଏ ନେଇ ବ୍ରହ୍ମପୁର ଯୁକ୍ତ ୨ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପରିଷଦ ଉପସଚିବ ଡ. କୁଳମଣି ଓଝା, ବରିଷ୍ଠ ସହାୟକ ମୋହନ କୁମାର ବଳିୟାରସିଂହ, କନିଷ୍ଠ ସହାୟକ ସନ୍ତୋଷ କୁମାର ନନ୍ଦ, ଲଲାଟେନ୍ଦୁ ସାବତ, ଜୟନ୍ତ କୁମାର ଶତପଥୀ, ରମେଶ ବେହେରା, ନାରାୟଣ ରେଡ୍ଡୀ ଓ ଗଣେଶ ନାୟକ ପ୍ରମୁଖ ମାଣ୍ଡୋଇଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

### ସମ୍ରାଟ ମହାବିଦ୍ୟାଳୟରେ ବିଜ୍ଞାନ ଦିବସ

ବ୍ରହ୍ମପୁର ଅଫିସ୍‌,୨୮।୨: ସମ୍ରାଟ୍‌ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଗୁରୁବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ କୁମାର ବେହେରା ଯୋଗଦେଇ ମାନବ କଲ୍ୟାଣ ପାଇଁ ବିଜ୍ଞାନର ଆବଶ୍ୟକତା ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲାରେ ବିଜ୍ଞାନର ସଦୁପଯୋଗ ଉପରେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଆର୍ଯ୍ୟଭଟ୍ଟର ନିର୍ଦ୍ଦେଶକ ସୁଧୀର ରାଉତ ଦୈନନ୍ଦିନ ଜୀବନରେ ବିଜ୍ଞାନକୁ ବୁଝିବା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡ. ଗୌତମ ସାବତ, ମହାମାୟୀ ମହିଳା ମହାବିଦ୍ୟାଳୟ ପ୍ରାଧାପକ ଡ. ସନ୍ତୋଷ କୁମାର ଚୌଧୁରୀ ଏବଂ ଇକୋ କ୍ଲବ ସଂଯୋଜକ ଡ. ଶଙ୍କର ନାରାୟଣ ବେଜ୍‌ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସମ୍ରାଟ୍‌ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ନେତା ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଗୋପାଳକୃଷ୍ଣ ପାଢୀ, ଅରୁଣ ପାତ୍ର ଓ ସୂର୍ଯ୍ୟନାରାୟଣ ମିଶ୍ରଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

ପାରଳାଖେମୁଣ୍ଡି, ୨୮।୨(ସ୍ୱ.ପ୍ର.): ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ଆଲୁରିନଗରସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଆଇଆଇଟିର ପ୍ରାଧ୍ୟାପକ ଡ. ଶ୍ୟାମଳ ଚାଟାର୍ଜୀ ଏବଂ ମୁଖ୍ୟ ବକ୍ତା ଭାବେ ରାଉରକେଲା ନିଟ୍‌ର ପ୍ରାଧ୍ୟାପକ ହରେକୃଷ୍ଣ ସାହୁ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ କୁଳପତି ଡ. ହରିବନ୍ଧୁ ପଣ୍ଡା, ଉପକୁଳପତି ଡ. ଅନୁରାଗ, ରେଜିଷ୍ଟ୍ରାର ଡ. ଅନୀତା ପାତ୍ର, ପ୍ରାଧାପକ ଏସ୍‌.ଏସ୍‌. ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ସମୟରେ ବିଜ୍ଞାନର ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା । ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।

## ଗଞ୍ଜାମ ଉପକୂଳରେ ବିଦେଶୀ ଅତିଥି

# ୪୪୭ ଅଲିଭ୍‌ ରିଡ୍‌ଲେଙ୍କ ଅଣ୍ଡାଦାନ

ବ୍ରହ୍ମପୁର ଅଫିସ୍‌,୨୮।୨



- ଗଣ ଅଣ୍ଡାଦାନ ଆରମ୍ଭ ହେବ ଖୁବ୍‌ଶୀଘ୍ର
- ଆନୁଷଙ୍ଗିକ ବ୍ୟବସ୍ଥା କଲା ବନ ବିଭାଗ
- ୫ଲକ୍ଷ ଡେଇଁପାରେ କଇଁଛଙ୍କ ସଂଖ୍ୟା

ବିଦେଶୀ ଅତିଥିଙ୍କ ଅଗମନକୁ ନେଇ ଚଳଚଞ୍ଚଳ ହୋଇପଡ଼ିଛି ଗଞ୍ଜାମ ଉପକୂଳ । ମିଳନ ପରେ ଅଣ୍ଡାଦାନ ପାଇଁ ଉପକୂଳକୁ ଆସିଛନ୍ତି ଅଲିଭ୍‌ ରିଡ୍‌ଲେ କଇଁଛ। ଗତ ଦୁଇଦିନରେ ମୋଟ ୪୪୭ କଇଁଛ ଅଣ୍ଡା ଦେଇଛନ୍ତି। ମଙ୍ଗଳବାର ରାତିରେ ୧୦୮ ଏବଂ ବୁଧବାର ରାତିରେ ୩୩୯ କଇଁଛ ଅଣ୍ଡା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଗଣ ଅଣ୍ଡାଦାନ ଆରମ୍ଭ ହୋଇଛି। ଆସନ୍ତା ଦୁଇରୁ ତିନିଦିନ ଭିତରେ ଗଣ ଅଣ୍ଡାଦାନ ଆରମ୍ଭ ହେବ ବୋଲି ବନ ବିଭାଗ ଆଶା ପ୍ରକାଶ କରିଛି। କାରଣ ଗଣଅଣ୍ଡାଦାନ ପୂର୍ବରୁ ଦଳ ଦଳ ହୋଇ କେତେକ କଇଁଛ ଉପକୂଳକୁ ଆସିଥାନ୍ତି। ସେମାନେ ପରିବେଶ, ଆଖପାଖ ଅଞ୍ଚଳ ଓ ଅଣ୍ଡାଦାନ ସୁବିଧା ଆଦି ତଦାରଖ କରିଥାନ୍ତି। ଅଣ୍ଡାଦେଇ ସମୁଦ୍ର ଭିତରକୁ ଫେରିଯାନ୍ତି। ତା' ପରେ ଗଣ ଅଣ୍ଡାଦାନ ଆରମ୍ଭ ହୋଇଥାଏ ।

ଗତ ନଭେମ୍ବର ଆରମ୍ଭରୁ କଇଁଛଙ୍କ ଆଗମନ ଦେଖିବାକୁ ମିଳିଥିଲା। ପ୍ରାୟ ମାସାଧିକ କାଳ ସମୂହ ମିଳନ ଚାଲିଥିଲା। ମିଳନ ପରେ ପୁଣିଥରେ ସମୁଦ୍ର ଗଭୀରକୁ କଇଁଛମାନେ ଚାଲି ଯାଇଥିଲେ । ଫେବୃୟାରୀ ମଧ୍ୟଭାଗ ଆଡ଼କୁ ଅଣ୍ଡାଦାନ ହେବା କଥା। କିନ୍ତୁ ପାଗର ପରିବର୍ତ୍ତନ ଯୋଗୁ ଫେବୃୟାରୀ ଶେଷ ସପ୍ତାହରେ ଅଣ୍ଡାଦାନ ଆରମ୍ଭ ହୋଇଛି। ଗଣ ଅଣ୍ଡାଦାନକୁ ତଥାପି ଅପେକ୍ଷା ଗତ ବର୍ଷ ୪ଲକ୍ଷ ୮୫ହଜାରରୁ ଅଧିକ କଇଁଛ ଅଣ୍ଡାଦାନ କରିଥିଲେ। ଚଳିତ ବର୍ଷ ସଂଖ୍ୟା ବଢ଼ିବ ବୋଲି ବନ ବିଭାଗ ଆଶା ରଖିଛି।

ଅନ୍ୟପଟେ କଇଁଛଙ୍କ ସୁରକ୍ଷା ପାଇଁ ବନ ବିଭାଗ ତରଫରୁ ବ୍ୟାପକ ପଦକ୍ଷେପ ନିଆଯାଇଛି । ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ ବେହେରାଙ୍କ କହିବାନୁଯାୟୀ, ଏବର୍ଷ ଅଣ୍ଡାଦାନ ଆରମ୍ଭ ହୋଇଯାଇଛି। କିନ୍ତୁ ଏଯାଏ ଗଣଅଣ୍ଡାଦାନ ହୋଇନି। କୌଣସି ମୁହୂର୍ତ୍ତରେ ବି ହୋଇପାରେ। ଗତ ବର୍ଷ ଅପେକ୍ଷା ସଂଖ୍ୟା ବଢ଼ିବ। ସେମାନଙ୍କ ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ୫କି.ମି. ଲମ୍ବ ତାରଜାଲି ଘେରାଇ ଦିଆଯାଇଛି। ୧୧ ଟି ସ୍ଥାନରେ ବନ ସୁରକ୍ଷା କର୍ମଚାରୀମାନେ ମୁତୟନ ହୋଇଛନ୍ତି । ବନ ବିଭାଗ, ସାମୁଦ୍ରିକ ଥାନା ପୋଲିସ ଏବଂ ସ୍ଥାନୀୟ ପୋଲିସ ତରଫରୁ ପାଟ୍ରୋଲିଂ କରାଯାଉଛି। ଦୁଇଟି ବୋଟ୍‌ ଏବଂ ଗୋଟିଏ ଟ୍ରଲର୍‌ ଏଥିରେ ବ୍ୟବହାର ହେଉଛି। ଋଷିକୁଲ୍ୟା ମୁହାଣର ପୁରୁଣାବନ୍ଧଠାରୁ ପୋଡ଼ମପେଟା ଏବଂ ପୋଡ଼ମପେଟାଠାରୁ ବଟେଶ୍ୱର ପର୍ଯ୍ୟନ୍ତ ପ୍ରାୟ ୫କି.ମି. ଅଞ୍ଚଳରେ ଅଣ୍ଡାଦାନ ହୋଇଥାଏ। ସମୁଦ୍ର ଭିତରେ ୨୦କି.ମି. ପର୍ଯ୍ୟନ୍ତ ପାଟ୍ରୋଲିଂ ସହ ଟ୍ରଲର୍‌ ଚଳାଚଳ ଉପରେ କଟକଣା ଜାରି କରାଯାଇଛି ।

ଗତ କିଛି ବର୍ଷ ହେଲା ଅଲିଭ୍‌ ରିଡ୍‌ଲେ କଇଁଛଙ୍କ ସଂଖ୍ୟା ବଢୁଛି। ଏଥି ସହ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବଢୁଛି। କାରଣ କଇଁଛଙ୍କ ଆଗମନ ଯୋଗୁ ଗଞ୍ଜାମ ଉପକୂଳ କେବଳ ଓଡ଼ିଶା କିମ୍ବା ଭାରତ ନୁହଁ, ବିଦେଶରେ ମଧ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ପର୍ଯ୍ୟଟକମାନେ ଅଣ୍ଡାଦାନ ଦେଖିବାକୁ ଆସିବା ସମୟରେ କେତେକ ଭୁଲ୍‌ କରିଥାନ୍ତି। କଇଁଛ ଧରିବା ହେଉ କିମ୍ବା ଫଟୋ ଉଠାଇବା ଇତ୍ୟାଦି କରିଥାନ୍ତି । ବନ୍ୟପ୍ରାଣୀ ଆଇନ୍‌ରେ ଏହା ଉପରେ କଟକଣା ଥିବା ଯୋଗୁ ଏ ସମ୍ପର୍କରେ ପର୍ଯ୍ୟଟକଙ୍କୁ ସଚେତନ କରାଯିବ। ନୂଆ ପୋଡ଼ମପେଟାରେ ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯାଇଛି । ସେଠାରେ ଏକ ମ୍ୟୁଜିୟମ୍‌ ଖୋଲାଯାଇଛି । ଅଲିଭ୍‌ ରିଡ୍‌ଲେର ଜୀବନ ଶୈଳୀ, ଖାଦ୍ୟପେୟ, ବଂଶବିସ୍ତାର ଏବଂ ସୁରକ୍ଷା ସମ୍ପର୍କରେ ପର୍ଯ୍ୟଟକମାନେ ଜାଣିପାରିବେ। ଏତଦ୍‌ବ୍ୟତୀତ ପାର୍କଠାରୁ ଆରମ୍ଭ କରି ଅନ୍ୟାନ୍ୟ ବ୍ୟବସ୍ଥା ମଧ୍ୟ କରାଯାଇଛି। ଆୟୋଜନରେ ସ୍ଥାନୀୟ ବାସିନ୍ଦାମାନଙ୍କ ସହଯୋଗ ମଧ୍ୟ ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

ତେବେ ବହୁତ ବର୍ଷ ପରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ବାହୁଦା ମୁହାଣରେ ମଧ କଇଁଛ ଅଣ୍ଡାଦାନ କରିଛନ୍ତି। ପୂର୍ବରୁ ସମ୍ପୃକ୍ତ ଅଞ୍ଚଳକୁ ସଫା କରାଯାଇଥିଲା । ବନ ବିଭାଗ ତରଫରୁ ବାହୁଦା ମୁହାଣକୁ ମଧ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ବେହେରା ପ୍ରକାଶ କରିଛନ୍ତି ।

## ସେଲ୍‌ଫି କର୍ନର



ସମୀର



ବିମଲ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ




ଜାତୀୟ ବିଜ୍ଞାନ ଦିବସ ଅବସରରେ ପୁରସ୍କୃତ କୃତୀ ପ୍ରତିଯୋଗୀ ଓ ଅତିଥି ବୃନ୍ଦ ।

ବ୍ରହ୍ମପୁର ଅଫିସ,୨୮।୨

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଗୁରୁବାର ଜାତୀୟ ବିଜ୍ଞାନ ଦିବସ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ନାଇଜର ପ୍ରଫେସର ଶୁଭଙ୍କର ବେଦାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଭାରପ୍ରାପ୍ତ କୁଳପତି ତଥା ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଭାଗୀୟ ମୁଖ୍ୟ ଡ. ସିଦ୍ଧାର୍ଥ ଶଙ୍କର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ସଲିଳା ଦାଶ ଧନ୍ୟବାଦ ଦେଇଥିଲେ । ବିଜ୍ଞାନର ଉପଯୋଗିତା ଓ ମନୁଷ୍ୟ ତଥା ସମାଜ ଉପରେ ଏହାର ପ୍ରଭାବ ଉପରେ ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପୂର୍ବରୁ ହୋଇଥିବା କୁଇଜ, ବକ୍ତୃତା, ପୋଷ୍ଟର ପ୍ରେଜେଣ୍ଟେଶନରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଭାଗର ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ।

### ସ୍ୱର୍ଣ୍ଣ ଜୟନ୍ତୀରେ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର

ବ୍ରହ୍ମପୁର ଅଫିସ,୨୮।୨

ବ୍ରହ୍ମପୁର ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ ସ୍ୱର୍ଣ୍ଣଜୟନ୍ତୀ ପାଳନ ଅବସରରେ ଆସନ୍ତା ମାର୍ଚ୍ଚ ୬ ଓ ୭ ଦୁଇଦିନ ଧରି ଏକ ଜାତୀୟ ଆଲୋଚନାଚକ୍ର ଆୟୋଜିତ ହେବ । ଏ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷ ଡ. ନାରାୟଣ ଚରଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅଧ୍ୟାପକ ନୀଳାଞ୍ଚଳ ସେଠୀ, ଟି.ଭି. ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ । ଜାତୀୟ ଆଲୋଚନା ଚକ୍ରର ବିଭିନ୍ନ ଦିଗ ଉପରେ ବୈଠକରେ ଆଲୋଚନା ହୋଇଥିଲା । ଗୁରୁବାର ମହାବିଦ୍ୟାଳୟରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଲେଜର ସମସ୍ତ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇ କଲେଜ ପରିସରକୁ ସ୍ୱଚ୍ଛ ରଖିବାକୁ ଶପଥ ନେଇଥିଲେ।

# ମହାଶିବରାତ୍ରିରେ ନଟରାଜ ମହୋତ୍ସବ



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କମିଟି କାର୍ଯ୍ୟକର୍ତ୍ତା ।

ବ୍ରହ୍ମପୁର ଅଫିସ,୨୮।୨

ନୀଳକଣ୍ଠେଶ୍ୱର ସେବା ପ୍ରତିଷ୍ଠାନ କମିଟି, ସଙ୍ଗୀତ କଳା ନିକେତନ, ଲକ୍ଷ୍ୟ ନାଟ୍ୟଶାଳାର ମିଳିତ ଆନୁକୂଲ୍ୟରେ ନଟରାଜ ମହୋତ୍ସବ ଆୟୋଜିତ ହେବ । ଆସନ୍ତା ମାର୍ଚ୍ଚ ୪ ମହାଶିବରାତ୍ରି ଉପଲକ୍ଷେ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଏହି ମହୋତ୍ସବ ଅନୁଷ୍ଠିତ ହେବାକୁ ଥିବା ଗୁରୁବାର ନୀଳକଣ୍ଠେଶ୍ୱର ସେବା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି । ମହାଶିବରାତ୍ରିରେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ତଥା ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା କମିଟି ପକ୍ଷରୁ କୁହାଯାଇଛି । ଏହି ମହୋତ୍ସବରେ ସାହିତ୍ୟ, ସଂସ୍କୃତି, ରାଜନୀତି ଓ କଳାକ୍ଷେତ୍ରରେ କାର୍ଯ୍ୟକରୁଥିବା ବିଶିଷ୍ଟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପୁରୀର ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟର କଳାକାରମାନେ ଗୀତିନାଟ୍ୟ ଦେବଦାସୀର ସ୍ୱପ୍ନ ପରିବେଶଣ କରିବେ । ସଙ୍ଗୀତ ସୁଧାକର ସଙ୍ଗୀତ କଳା ବିକାଶ କେନ୍ଦ୍ର ପକ୍ଷରୁ ଭଜନ ପରିବେଷଣ ଅନ୍ୟତମ ଆକର୍ଷଣ ହେବ । ଏହା ବ୍ୟତୀତ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ଲୋକସଙ୍ଗୀତ, ନୃତ୍ୟ ସହ କବିତା ପାଠୋତ୍ସବ ଆୟୋଜିତ ହେବାର କାର୍ଯ୍ୟକ୍ରମ ଥିବା ସୂଚନା ଦିଆଯାଇଥିଲା । କାର୍ଯ୍ୟକ୍ରମର ସଂଯୋଜକ ମନୋଜ କୁମାର ସାମଲଙ୍କ ସମେତ କମିଟିର ସଭାପତି କାଳୀକିଙ୍କର ପାତ୍ର, ସୀତୀଶ ପାତ୍ର, ଶଙ୍କର୍ଷଣ ପାତ୍ର ଓ ନୀଳକଣ୍ଠ ସାହୁ ପ୍ରମୁଖ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଥିଲେ ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ: ସଭାପତି,ସହ ସମ୍ପାଦକ ପଦ ପାଇଁ ନିର୍ବାଚନ ଆଜି

ବ୍ରହ୍ମପୁର ଅଫିସ,୨୮।୨

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହେବ । ଦୀର୍ଘ ୧୫ ବର୍ଷ ପରେ ସଂଘର ନିର୍ବାଚନ ହେବ । ଏ ନେଇ ଗୁରୁବାର ଶିକ୍ଷକମାନେ ବିଭିନ୍ନ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସଭାପତି ପଦ ପାଇଁ ପ୍ରଫେସର ନୀହାର ରଞ୍ଜନ ମିଶ୍ର ଓ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସହ ସମ୍ପାଦକ ପଦବୀ ପାଇଁ ଡ. ସ୍ମୃତି ଦାଶ ଓ ଡ. ଲକ୍ଷ୍ମୀଧର ରାଉତ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେମାନଙ୍କ ପଦବୀ ଲାଗି ଶୁକ୍ରବାର ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ଉପସଭାପତି ପାଇଁ ଡ. ପ୍ରସନ୍ନ କୁମାର ଦୀକ୍ଷିତ, ସମ୍ପାଦକ ପାଇଁ ଡ. ସତ୍ୟବ୍ରତ ପାତ୍ର, କୋଷାଧ୍ୟକ୍ଷ ଡ. ସୁନୀଲ କୁମାର ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଇଛନ୍ତି । ଖାଲିଥିବା ପଦବୀ ପୂରଣ, କ୍ୱାର୍ଟର ଓ ପଦୋନ୍ନତି ସମସ୍ୟାକୁ ଏହି ପ୍ରାର୍ଥୀମାନେ ଗୁରୁତ୍ୱଦେବା ନେଇ ମତବ୍ୟକ୍ତ କରିଛନ୍ତି । ପ୍ରଫେସର ବିଭୂତି ଭୂଷଣ ମହାପାତ୍ର, ପ୍ରଫେସର କାଳୀ ଚରଣ ସାହୁ, ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଡ. ସୁମନ କଲ୍ୟାଣ ଚୌଧୁରୀ, ଡ. ମୃତ୍ୟୁଞ୍ଜୟ ଜେନା, ଡ. ସତ୍ୟନାରାୟଣ ସାହୁ, ଡ. ଏ. ଲୀଳାବେଣୀ, ଡ. ପଦ୍ମନାଭ ସାମନ୍ତ, ପ୍ରଫେର ସତ୍ୟନାରାୟଣ ପାଠୀ, ପ୍ରଫେସର ଭାଗୀରଥି ପାଣିଗ୍ରାହୀ ନିର୍ଦ୍ୱନ୍ଦ୍ୱରେ ସଂଘ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି ।

# ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ବ୍ରହ୍ମପୁର ଅଫିସ,୨୮।୨

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଦାୟ କଳୀନ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ସିନେଟ ହଲରେ ଅପରାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଚଳିତ ମାସରେ ଅବସରଗ୍ରହଣ କରିଥିବା ଇତିହାସ ବିଭାଗ ପ୍ରଫେସର ଭଗବାନ ସାହୁ, ସାମୁଦ୍ରିକ ବିଜ୍ଞାନ ବିଭାଗ ଷ୍ଟୋରକିପର ଡ. ସୁଧୀର କୁମାର ପଟ୍ଟନାୟକ, ସେକ୍ସନ ଅଫିସର ଲୋଚନ ସେଠୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଭାରପ୍ରାପ୍ତ କୁଳପତି ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୁଳସଚିବ ରଞ୍ଜନ କୁମାର ବିଶ୍ୱାଳଙ୍କ ସମେତ ଡ. ସଦାନନ୍ଦ ନାୟକ, ପ୍ରଫେସର ପ୍ରତାପ ମହାନ୍ତି, ଉପେନ୍ଦ୍ର ନାରାୟଣ ମହାପାତ୍ର, ଦୁର୍ଗାଚରଣ ହୋତା, ନରେନ୍ଦ୍ର ବିଷୋୟୀ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ବିଶ୍ୱବିଦ୍ୟାଳୟ ପ୍ରତି ଥିବା ଅବଦାନ ଉପରେ ଆଲୋକପାତ କରିଥିଲେ । କୁଳସଚିବ ଖାଲି ପଡିଥିବା ପଦବୀକୁ ତୁରନ୍ତ ପୂରଣ କରାଯିବା ଉପରେ ପଦକ୍ଷେପ ନିଆଯାଉଥିବା ସୂଚାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପକୁଳସଚିବ ଡ. ବାବୁଜୀ ସାମଲ, ସହ କୁଳସଚିବ ଡ. ଶରତ କୁମାର ଦାଶ, ରବୀନ୍ଦ୍ର କୁମାର ପାଣିଗ୍ରାହୀ, ପ୍ରଫେସର ଜୟରାମ ପ୍ରଧାନଙ୍କ ସମେତ ବିଶ୍ୱବିଦ୍ୟାଳୟ ଅଧ୍ୟାପିକା ଅଧ୍ୟାପକ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଡ. ମିହିର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।



ସମ୍ବର୍ଦ୍ଧିତ ଅବସରପ୍ରାପ୍ତ କର୍ମଚାରୀଙ୍କ ସହ ଅନ୍ୟମାନେ ।

## ଜନସ୍ୱାସ୍ଥ୍ୟ ଅଫିସ ଆଗରେ ବିକ୍ଷୋଭ, ଧାରଣା

# ମାର୍ଚ୍ଚ ୫ରେ ଜଳ ଯୋଗାଣ କର୍ମଚାରୀଙ୍କ ଧର୍ମଘଟ

ବ୍ରହ୍ମପୁର ଅଫିସ,୨୮।୨



ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ଆଗରେ ଜଳଯୋଗାଣ କର୍ମଚାରୀଙ୍କ ବିକ୍ଷୋଭ ଓ ଧାରଣା ।।

ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘ ପକ୍ଷରୁ ଜଳଯୋଗାଣ କର୍ମଚାରୀଙ୍କ ୪ ଦଫା ଦାବି ନେଇ ଗୁରୁବାର ବ୍ରହ୍ମପୁର ଜନସ୍ୱାସ୍ଥ୍ୟ ଏବଂ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଡିଭିଜନ (ଖଣ୍ଡ) କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ଗଣଧାରଣା ଦିଆଯାଇଥିଲା । ଦାବି ପୂରଣ ପାଇଁ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଏହାର ପ୍ରତିବାଦରେ ମାର୍ଚ୍ଚ ୫ରେ ୨୫ ହଜାର କ୍ଷେତ୍ର କର୍ମଚାରୀ କାମ ବନ୍ଦ ବା ସମୂହ ଧର୍ମଘଟ କରିବାର ଚେତାବନୀ ଦିଆଯାଇଛି। ଏହି ମର୍ମରେ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା ।

ଆନ୍ଦୋଳନର ନେତୃତ୍ୱ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ଆମ୍ବରି ଜେନା, କାର୍ଯ୍ୟାଳୟ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ, ଉପସଭାପତି ଟୁନା ଚନ୍ଦ୍ର ପଣ୍ଡା ଓ ଖଣ୍ଡ ସମ୍ପାଦକ ଗୋପୀନାଥ ସାହୁ ପ୍ରମୁଖ ନେଇଥିଲେ । ପି. ନରସିଂହ ଦାସଙ୍କ ସମେତ ବ୍ରହ୍ମପୁର, ଛତ୍ରପୁର, ହିଞ୍ଜିଳି, ଖଲ୍ଲିକୋଟ, ଗଞ୍ଜାମ, ରଙ୍ଗେଇଲୁଣ୍ଡା, ପାତ୍ରପୁର, ଚିକିଟି, ଦିଗପହଣ୍ଡି, ସାନଖେମୁଣ୍ଡି, କୁକୁଡ଼ାଖଣ୍ଡି ଆଦି ବ୍ଲକରେ କାର୍ଯ୍ୟରତ ଗ୍ରାମ୍ୟ ଜଳଯୋଗାଣ କର୍ମଚାରୀମାନେ ସାମିଲ ହୋଇଥିଲେ। ସଂଘର ଶାଖା ସମ୍ପାଦକ ଜି. କ୍ରିଷ୍ଣା ରେଡ୍ଡୀ, ରବୀନ୍ଦ୍ର କୁମାର ପାତ୍ର ଓ ସୂର୍ଯ୍ୟ ନାରାୟଣ ପାଢ଼ୀ ପ୍ରମୁଖ ଆନ୍ଦୋଳନକୁ ସଂଯୋଜନା କରିଥିଲେ । ବିକ୍ଷୋଭ ସ୍ଥଳରେ ଦାବି ପୂରଣରେ ସରକାରୀ ଅବହେଳାର ନିନ୍ଦା କରି ନାରା ଦିଆଯାଇଥିଲା ।

ଦାବିଗୁଡ଼ିକ ମଧ୍ୟରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଜଳ ଯୋଗାଣ ବିଭାଗରେ ୧୯୯୩ ପରବର୍ତ୍ତୀ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ଜଳଯୋଗାଣ କାର୍ଯ୍ୟରେ ନିୟୋଜିତ ଏସଇଏମ୍‌ ଓ ଠିକା କର୍ମଚାରୀଙ୍କୁ ରାଜ୍ୟ ସରକାରଙ୍କ ଘୋଷିତ ଉଚ୍ଚ କୁଶଳୀ ଶ୍ରମିକଙ୍କ ଭଳି ମଜୁରି ପ୍ରଦାନ, ସମସ୍ତ ୱାର୍କଚାର୍ଜ କର୍ମଚାରୀଙ୍କୁ ଅବିଳମ୍ବେ ସ୍ଥାୟୀ କରିବା ସହ ସେମାନଙ୍କୁ ପେନସନଭୁକ୍ତ କରାଯିବା ଏବଂ ସପ୍ତମ ବେତନ କମିଶନ ସୁପାରିସ ପ୍ରକାରେ ଦରମା ଦେବା ଓ ବକେୟା ପ୍ରାପ୍ୟର ଅନ୍ୟୂନ ୬୦% ଶୀଘ୍ର ଦେବା ଆଦି ଅନ୍ତର୍ଭୁକ୍ତ ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶୁକ୍ରବାର, ମାର୍ଚ୍ଚ ୧/୨୦୧୯ Berhampur, Friday, March 1/ 2019

## ସଂକ୍ଷେପରେ

### କେନାଲରୁ ମଣିଷ କଙ୍କାଳ ଉଦ୍ଧାର

ହିଞ୍ଜିଳିକାଟୁ,୨୮।୨(ଡି.ଏନ୍.ଏ.)- ହିଞ୍ଜିଳି ଥାନା ପୋଡ଼ିଙ୍ଗି ଗ୍ରାମ ନିକଟ କେନାଲରୁ ବୁଧବାର ସନ୍ଧ୍ୟାରେ ପୋଲିସ ଏକ ମଣିଷ କଙ୍କାଳ ଉଦ୍ଧାର କରିଛି। ଉକ୍ତ କଙ୍କାଳ ନିକଟରୁ ଗୋଟିଏ ସାର୍ଟ ଓ ଲୁଙ୍ଗି ଜବତ ହୋଇଛି। ଜବତ କଙ୍କାଳକୁ ବ୍ରହ୍ମପୁର ଫୋରେନ୍‌ସିକ ଲାବୋରେଟୋରିକୁ ପଠାଯାଇଛି। ଏନେଇ ନଂ.୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ନିକଟବର୍ତ୍ତୀ ବିଭିନ୍ନ ଥାନା ସହ ପୋଲିସ ଯୋଗସୂତ୍ର ରଖି ତଦନ୍ତ ଚଳାଇଛି। ସାଇଣ୍ଟିଫିକ୍ ରିପୋର୍ଟ ଆସିବା ପରେ ମୃତକଙ୍କ ସମ୍ପର୍କରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ଥାନା ଏସଆଇ ବିଶ୍ୱଜିତ ନାୟକ କହିଛନ୍ତି।

### ଦୁର୍ଘଟଣାରେ ଜଣେ ମୃତ

ହିଞ୍ଜିଳିକାଟୁ,୨୮।୨(ଡି.ଏନ୍.ଏ.)
ହିଞ୍ଜିଳି ଥାନା ଅଞ୍ଚଳରେ ୨ଟି ପୃଥକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ବୁଧବାର ରାତିରେ ହିଞ୍ଜିଳି ଥାନା କଞ୍ଚୁରୁ-ଦୁର୍ବନ୍ଧ ରାସ୍ତାରେ ଛତ୍ରପୁରରୁ ବାଇକରେ ଫେରୁଥିବା ହିଞ୍ଜିଳିକାଟୁ ଶ୍ରୀରାମ ନଗରର ଉଦୟନାଥ ସାହୁ (୫୫) ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା କଡ଼ରେ ପଡ଼ିଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ବୁଧବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ଗୁରୁବାର ଅପରାହ୍ଣରେ ହିଞ୍ଜିଳି ଥାନା ନୂଆ ବୁରୁପଡାଠାରେ ଏକ ବାଇକ ଓ ପିକ୍‌ଅପ୍ ମଧରେ ଧକ୍କା ହେବାରୁ ବାଇକ ଆରୋହୀ ବ୍ରହ୍ମପୁର ଶ୍ରୀରାମ ନଗର ଅଞ୍ଚଳର ବି. ବିକାଶ ପାତ୍ର(୨୩) ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ବିକାଶଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ହିଞ୍ଜିଳି ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିଗୁଡିକୁ ଜବତ କରି ତଦନ୍ତ ଚଳାଇଛି।

# ମଦ ବେପାରୀଙ୍କ ଘରେ ମହିଳାଙ୍କ ଚଢ଼ାଉ


ମଦ ବେପାରୀଙ୍କ ଘର ସାମ୍ନାରେ ମହିଳାମାନେ ।

ବେଗୁନିଆପଡା,୨୮।୨(ଡି.ଏନ୍.ଏ.)

ବେଗୁନିଆପଡା ବ୍ଲକ ଅଞ୍ଚଳରେ ବ୍ୟାପକ ଚୋରାମଦ କାରବାର ହେଉଛି। ଅବକାରୀ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଏହି ଅଞ୍ଚଳରେ ଏବେ ପାନ, ଚା ଦୋକାନରେ ମଧ୍ୟ ମଦ ବିକ୍ରି ହେଉଛି। ଏଥିରେ ଅତିଷ୍ଠ ହୋଇ ସ୍ଥାନୀୟ ମହିଳା ମଦ ବେପାରୀଙ୍କୁ ଦମନ କରିବାକୁ ଅଣ୍ଟା ଭିଡିଛନ୍ତି। ଗତ ୧୮ ତାରିଖରେ କୋଦଳା ଥାନା ମର୍ଦ୍ଦମେଖ ପଞ୍ଚାୟତର ବେଲପଡା ସୀମାରେ ଥିବା ଏକ ମଦ ଦୋକାନରେ ୫ଶହରୁ ଊର୍ଦ୍ଧ୍ୱ ମହିଳା ଭଙ୍ଗାରୁଜା କରିଥିଲେ। ଗୁରୁବାର ବେଗୁନିଆପଡା ଫାଣ୍ଡି ଅନ୍ତର୍ଗତ ଖଣ୍ଡିଆନଈ ପଞ୍ଚାୟତର ତିରିଡ଼ା ଗ୍ରାମରେ ଶତାଧିକ ମହିଳା ସେହି ଗ୍ରାମରେ ମଦ ବିକ୍ରି କରୁଥିବା ୨ଜଣଙ୍କ ଘରେ ପଶି ମଦ ପୁଡିଆ ଆଣି ବାହାରେ ଫୋପାଡି ଦେଇଥିଲେ। ଏ ନେଇ ସେଠାରେ ଉତ୍ତେଜନା ଦେଖା ଦେଇଥିଲା। ମହିଳାମାନେ ମଦ ବିକ୍ରି ବନ୍ଦ କରିବାକୁ ଅଡି ବସିଥିଲେ। ବେଗୁନିଆପଡା ଫାଣ୍ଡି ଅଧିକାରୀ ପ୍ରଦୀପ୍ତ କୁମାର ଦାଶ ପହଞ୍ଚି ଉତ୍ତ୍ୟକ୍ତ ମହିଳାଙ୍କୁ ବୁଝାଶୁଝା କରିବା ସହ ମଦ ବିକ୍ରି କରୁଥିବା ବେପାରୀଙ୍କୁ ତାଗିଦ୍ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ଖଣ୍ଡିଆନଈ ସରପଞ୍ଚଙ୍କ ପ୍ରତିନିଧି ଅକ୍ଷୟ ପ୍ରଧାନ ଅବକାରୀ ବିଭାଗକୁ ଖବର ଦେବାରୁ କୌଣସି ପଦକ୍ଷେପ ନେବା ବଦଳରେ ତୁମେ ମଦ ଧରି ଆମକୁ କହିଲେ ଆମେ ଯିବୁ ବୋଲି କର୍ମଚାରୀ କହୁଥିବା ଅଭିଯୋଗ କରିଥିଲେ। ଏନେଇ ଖଲ୍ଲିକୋଟ ଅବକାରୀ ବିଭାଗ ସବ ଇନ୍ସପେକ୍ଟର ନବନୀତା ନାୟକଙ୍କୁ ପଚାରିବାରୁ ସେ ଏହାକୁ ଅସ୍ୱୀକାର କରିଛନ୍ତି। ସୁମଣ୍ଡଳ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ କୁମାର ସାହୁ ମଧ୍ୟ ଅବକାରୀ ବିଭାଗକୁ ଖବର ଦେଇଥିଲେ ମଧ୍ୟ ଚଢାଉ ହେଉ ନ ଥିବା କହିଥିଲେ। ବେପାରୀ ଓ ଅବକାରୀ କର୍ମଚାରୀଙ୍କ ସଲାସୁତ୍ରରାରେ ସବୁ ଚାଲିଥିବା ସେ ଅଭିଯୋଗ କରିବା ସହ ଏନେଇ ଆଗାମୀ ଦିନରେ ଅଞ୍ଚଳବାସୀ ଏକାଠି ହୋଇ ଜିଲାପାଳଙ୍କୁ ଫେରାଦ ହେବେ ବୋଲି କହିଛନ୍ତି।

■ଦିଗପହଣ୍ଡିରେ ସାଇବର ଲୁଟେରା ସକ୍ରିୟ

# ବ୍ୟାଙ୍କ ଜମାଖାତାରୁ ୧ ଲକ୍ଷ ୪୦ ହଜାର ଗାଏବ

ଦିଗପହଣ୍ଡି,୨୮।୨(ଡି.ଏନ.ଏ.)
ଦିଗପହଣ୍ଡି ନୂଆସାହି ବାସିନ୍ଦା ଅବସରପ୍ରାପ୍ତ କର୍ମଚାରୀ କୃଷ୍ଣଚନ୍ଦ୍ର ସାହୁଙ୍କ ଷ୍ଟେଟବ୍ୟାଙ୍କ ଜମାଖାତା ନଂ.୧୦୫୪୬୧୮୦୬୧୨ରୁ ୧ ଲକ୍ଷ ୪୦ ହଜାର ଟଙ୍କା ଗାଏବ ହୋଇଯାଇଥିବା ଅଭିଯୋଗ ହୋଇଛି । ଗୁରୁବାର କୃଷ୍ଣଚନ୍ଦ୍ର ଏନେଇ ଦିଗପହଣ୍ଡି ବ୍ୟାଙ୍କ ଶାଖା କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇବା ସହ ବ୍ରହ୍ମପୁର ସାଇବର ଥାନାରେ ଏତଲା ଦେଇଥିବା କହିଛନ୍ତି । ଗତ ୮ ତାରିଖରେ ସେ ତାଙ୍କ ଏଟିଏମ କାର୍ଡ ଆକ୍ଟିଭ କରାଇବା ସହ ବ୍ୟାଙ୍କର ଏଟିଏମ କାଉଣ୍ଟରରୁ ୧ ହଜାର ଟଙ୍କା ଉଠାଣ କରି ଘରକୁ ଫେରିଥିଲେ। ତାଙ୍କ ମୋବାଇଲ ନଂ.୮୭୬୩୩୦୭୮୮ ବ୍ୟାଙ୍କ ଜମାଖାତା ସହ ଯୋଡ଼ିବା ପାଇଁ କୃଷ୍ଣଚନ୍ଦ୍ର ବୁଧବାର ତାଙ୍କ ପୁଅ ଉମାକାନ୍ତଙ୍କୁ ବ୍ୟାଙ୍କକୁ ପଠାଇଥିଲେ। ବ୍ୟାଙ୍କ ଜମାଖାତା ଅପଡେଟ କରିବା ପରେ ଗତ ୧୧ ତାରିଖ ଠାରୁ ବୁଧବାର ମଧ୍ୟରେ ୯ଟି ପର୍ଯ୍ୟାୟରେ ବିଭିନ୍ନ ଏଟିଏମ୍ କାଉଣ୍ଟରରୁ ଟଙ୍କା ଉଠାଣ କରାଯାଇଥିବା ଜଣାପଡ଼ିଥିଲା। ବିହାର ଦେଓଘର ଅଞ୍ଚଳରୁ ସମସ୍ତ ଟଙ୍କା ଉଠାଣ କରାଯାଇଥିବା ଜଣାପଡ଼ିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଏଟିଏମ କାର୍ଡକୁ ବ୍ଲକ କରି ଦେଇଥିଲେ। ଏନେଇ ଶାଖା ପରିଚାଳକ ଅଜୟ ନାୟକଙ୍କୁ ପଚାରିବାରେ ସେ ଛୁଟିରେ ଥିବାରୁ ଏନେଇ ତାଙ୍କ ନିକଟରେ କୌଣସି ତଥ୍ୟ ନ ଥିବା କହିଛନ୍ତି। ଚାକିରିରୁ ଅବସର ନେବା ପରେ ଦିଗପହଣ୍ଡି ଜନତା ଲେନରେ କୃଷ୍ଣଚନ୍ଦ୍ର ମିଠା ଦୋକାନ କରି ପରିବାର ଚଳାଉଥିବାବେଳେ ତାଙ୍କ ବ୍ୟାଙ୍କ ଜମାଖାତାରୁ ଏତେ ପରିମାଣର ଟଙ୍କା ଗାଏବ ହୋଇଯିବା ଘଟଣାରେ ସେ ମର୍ମାହତ ହୋଇ ପଡ଼ିଥିବା କହିଛନ୍ତି। ଦିଗପହଣ୍ଡି ଅଞ୍ଚଳରେ ସାଇବର ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇଥିବାରୁ ସାଧାରଣରେ ଆଲୋଡନ ସୃଷ୍ଟି କରିଛି ।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ